୪-୧୦ ଜାନୁଆରୀ, ୨୦୨୬


ରବିବାର
ସକାଳ
THE SAKALA

# ସିନ୍ଦୁରା

- ମହିଳାଙ୍କ କର୍କଟ ରୋଗ
- ପୁରୁଷଙ୍କୁ କର୍କଟ ଭୟ
- ଅସାଧ୍ୟ ନୁହେଁ କ୍ୟାନ୍ସର
- ମସ୍ତିଷ୍କ କର୍କଟ
- କର୍କଟ ପାଇଁ ଯୋଗ



# ପ୍ରାଣଘାତୀ କର୍କଟ



କର୍କଟ ଏକ ପ୍ରାଣଘାତୀ ରୋଗ । ଶରୀରର ଯେ କୌଣସି କୋଷ ଅନିୟନ୍ତ୍ରିତ ଭାବେ ବୃଦ୍ଧି ପାଇଲେ, ତାହାକୁ କର୍କଟ ବା କ୍ୟାନ୍‌ସର ରୋଗ କୁହାଯାଏ । କୋଷଗୁଡ଼ିକ ଅତ୍ୟଧିକ ବୃଦ୍ଧି ଯୋଗୁଁ ଟ୍ୟୁମର୍ ସୃଷ୍ଟି ହୋଇ ଶରୀରର ଅନ୍ୟ ଅଂଶକୁ ବ୍ୟାପୀ ଥାଏ । ଶତାଧିକ ପ୍ରକାରର କର୍କଟ ରୋଗ ରହିଛି । ସେଥିମଧ୍ୟରୁ ସ୍ତନ, ଗର୍ଭାଶୟ, ଫୁସ୍‌ଫୁସ୍, ମୁଖଗହ୍ୱର, ଖାଦ୍ୟନଳୀ, ପାକସ୍ଥଳୀ, ଅଗ୍ନାଶୟ, ଜରାୟୁଗ୍ରୀବା, ଜିଭ, ଚକ୍ଷୁ, ମଳାଶୟ କର୍କଟ ଆଦି ଅନ୍ୟତମ । କର୍କଟକୁ ଏକ ଆସାଧ ରୋଗ ବୋଲି କୁହାଯାଏ । ତେବେ ବର୍ତ୍ତମାନ ଅତ୍ୟାଧୁନିକ ଚିକିତ୍ସା ଯୋଗୁଁ ଏହା ଆଉ ଅସାଧ ନୁହେଁ । ବିଭିନ୍ନ ଚିକିତ୍ସା ପଦ୍ଧତି ଦ୍ୱାରା ଏହାର ଉପଚାର କରାଯାଇପାରୁଛି । ରୋଗର ପ୍ରକାର, ରୋଗର ସ୍ତର, ପୀଡ଼ିତଙ୍କ ବୟସ, ସ୍ୱାସ୍ଥ୍ୟାବସ୍ଥା ଅନୁଯାୟୀ ଏହାର ଚିକିତ୍ସା କରାଯାଇଥାଏ । ଯଦି ପ୍ରାଥମିକସ୍ତରରୁ ରୋଗକୁ ଚିହ୍ନଟ କରାଯାଇ ସଠିକ୍ ଚିକିତ୍ସା କରାଯାଏ, ତେବେ ରୋଗୀ ମୃତ୍ୟୁମୁଖରୁ ବଞ୍ଚି ଯିବାର ସମ୍ଭାବନା ଅଧିକ । ଏଥିପାଇଁ ଅଭିଜ୍ଞ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା କରିବାର ଆବଶ୍ୟକତା ରହିଛି । ଏହାର ଉପଚାର ମଧ୍ୟରେ କେମୋଥେରାପି, ରେଡିଏସନ୍, ଶଲ୍ୟ ଚିକିତ୍ସା ଆଦି ଅନ୍ତର୍ଭୁକ୍ତ । ଦିନକୁ ଦିନ ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ରୋଗ ଚିହ୍ନଟରେ ବିଳମ୍ବ ଓ ଅବହେଳା ଯୋଗୁଁ ଅନେକ ଜୀବନ ଅକାଳରେ ଚାଲିଯାଇଛି । ଏହି ପରିପ୍ରେକ୍ଷୀରେ କ୍ୟାନ୍‌ସର ରୋଗର କାରଣ, ନିରାକରଣ, ପ୍ରକାର ଭେଦ, ଚିକିତ୍ସା ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ପ୍ରାଣଘାତୀ କର୍କଟ**

**ପ୍ରସ୍ତୁତି 'ସକାଳ' ବ୍ୟୁରୋ**



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ନିଜ ଦକ୍ଷତା ବଳରେ ଲୋକମାନଙ୍କୁ ପ୍ରଭାବିତ କରିବେ । ମଙ୍ଗଳ, ବୁଧବାରରେ ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ଗୁରୁ, ଶୁକ୍ରବାରରେ ଶତ୍ରୁମାନଙ୍କୁଠାରୁ ଦୂରେଇ ରୁହନ୍ତୁ । ଶନିବାରରେ ବିଭାଗୀୟ ଅଧିକାରୀଙ୍କଠାରୁ ଉଚିତ ପରାମର୍ଶ ପାଇବେ ।

**ବୃଷ**
ରବି, ସୋମବାରରେ ପରିଶ୍ରମ କରି ସଫଳତା ପାଇବେ । ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ । ମଙ୍ଗଳ, ବୁଧବାରରେ ସହକର୍ମୀଙ୍କ ସହ ବଚସା ହୋଇପାରେ । ଗୁରୁ, ଶୁକ୍ରବାରରେ ନିଜ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେବେ । ଶନିବାରରେ ପରିବାରର ସହାୟତା ପାଇବେ ।

**ମିଥୁନ**
ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧବାରରେ ମହିଳାଙ୍କ ମନୋବଳ ଦୃଢ଼ ରହିବ । ଗୁରୁ, ଶୁକ୍ରବାରରେ ନକାରାତ୍ମକ ଭାବାନାରୁ ଦୂରେଇ ରୁହନ୍ତୁ । ଶନିବାରରେ ଖାଦ୍ୟ ପାନୀୟରେ ଅଧିକ ଧ୍ୟାନ ରଖନ୍ତୁ । ପରିବାରବର୍ଗଙ୍କ ସହାୟତା ପାଇବେ ।

**କର୍କଟ**
ରବି, ସୋମବାରରେ ଭବିଷ୍ୟତ ପାଇଁ ବଡ଼ ଯୋଜନା ପ୍ରସ୍ତୁତ କରିବେ । ମଙ୍ଗଳ, ବୁଧବାରରେ ଅଟକି ରହିଥିବା ଧନ ଫେରିପାଇବେ । ଗୁରୁ, ଶୁକ୍ରବାରରେ କର୍ମକ୍ଷେତ୍ରରେ ନିଜର ପ୍ରତିଭାକୁ ବିକଶିତ କରିବେ । ଶନିବାରରେ ଜୀବନରେ ଭିନ୍ନ ମୋଡ଼ ଦେଖାଦେବ ।

**ସିଂହ**
ରବି, ସୋମବାରରେ ଅସ୍ଥିରତା ବୃଦ୍ଧି ପାଇବ । ଉଚ୍ଚଅଧିକାରୀଙ୍କ ସହଯୋଗ ପାଇବେ । ମଙ୍ଗଳ, ବୁଧବାରରେ ନିଜ ଦାୟିତ୍ୱକୁ ସୁଚାରୁ ରୂପରେ ସମାପନ କରିବେ । ଗୁରୁ, ଶୁକ୍ରବାରରେ ଅଯଥା ଖର୍ଚ୍ଚ ଚିନ୍ତାର କାରଣ ପାଲଟି ପାରେ । ଶନିବାରରେ କୌଣସି ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି ।

**କନ୍ୟା**
ରବି, ସୋମବାରରେ ସଂପତ୍ତି କ୍ରୟବିକ୍ରୟ କରିବାର ସୁଯୋଗ ପାଇବେ । ମଙ୍ଗଳ, ବୁଧବାରରେ ଦୀର୍ଘ ଦିନ ପରେ ଜୀବନରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ଗୁରୁ, ଶୁକ୍ରବାରରେ ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଶନିବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ସୁଯୋଗ ରହିଛି ।

**ତୁଳା**
ରବି, ସୋମବାରରେ ଅଯଥା ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି । ମଙ୍ଗଳ, ବୁଧବାରରେ ସୁଖ ସନ୍ତୋଷ ବୃଦ୍ଧି ପାଇବ । ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ । ଗୁରୁ, ଶୁକ୍ରବାରରେ ଭବିଷ୍ୟତ ଯୋଜନା ଫଳପ୍ରଦ ହୋଇପାରେ । ଶନିବାରରେ ସହକର୍ମୀଙ୍କ ସହ ବାଦବିବାଦ ଉପୁଜିପାରେ ।

**ବିଛା**
ରବି, ସୋମବାରରେ ଆତ୍ମବିଶ୍ୱାସର ସହ ସବୁ କାର୍ଯ୍ୟ ସମାପ୍ତ କରିବେ । କୌଣସି ଶୁଭ ସମାଚାର ପାଇବେ । ମଙ୍ଗଳ, ବୁଧବାରରେ ରାଜନୈତିକ କ୍ଷେତ୍ରରେ ଲୋକସମର୍ଥନ ବୃଦ୍ଧି ପାଇବ । ଗୁରୁ, ଶୁକ୍ରବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ଶନିବାରରେ ଆର୍ଥିକସ୍ଥିତି ସୁଦୃଢ଼ ରହିବ ।


**ଧନୁ**
ରବି, ସୋମବାରରେ ଦାମ୍ପତ୍ୟ ଜୀବନରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟପୂରଣ ପାଇଁ ଚେଷ୍ଟା ଜାରି ରଖିବେ । ଗୁରୁ, ଶୁକ୍ରବାରରେ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଶନିବାରରେ ବିଭିନ୍ନ କାର୍ଯ୍ୟରେ ସଫଳତା ହାସଲ କରିବେ ।

**ମକର**
ରବି, ସୋମବାରରେ ଶତ୍ରୁର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । ମଙ୍ଗଳ, ବୁଧବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜିପାରେ । ଗୁରୁ, ଶୁକ୍ରବାରରେ ପରିଶ୍ରମର ଫଳପ୍ରାପ୍ତି ହେବ । ଶନିବାରରେ କର୍ମକ୍ଷେତ୍ରରେ ଉନ୍ନତି କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ ।

**କୁମ୍ଭ**
ରବି, ସୋମବାରରେ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ । ମଙ୍ଗଳ, ବୁଧବାରରେ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି । ଗୁରୁ, ଶୁକ୍ରବାରରେ ପ୍ରିୟଜନଙ୍କ ସହଯୋଗ ପାଇବେ । ଶନିବାରରେ ବ୍ୟବସାୟରେ ପ୍ରସାର ପାଇଁ ନୂତନ ମାର୍ଗ ପାଇବେ ।

**ମୀନ**
ରବି, ସୋମବାରରେ ପରିବାରରେ ଉତ୍ତମ ବୁଝାମଣା ରହିବ । କ୍ଷମତାର ସଠିକ୍ ଉପଯୋଗ କରିବେ । ମଙ୍ଗଳ, ବୁଧବାରରେ ଆର୍ଥିକସ୍ଥିତି ମଜଭୁତ ରହିବ । ଶତ୍ରୁମାନଙ୍କର କୂଟଚକ୍ରାନ୍ତରେ ପଡ଼ିପାରନ୍ତି । ଗୁରୁ, ଶୁକ୍ରବାରରେ ମହିଳାମାନେ ଅବହେଳିତ ହେବେ । ଶନିବାରରେ ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ଆଗୁଆ ରହିବେ ।


ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com





ସୁସ୍ଥ ଶରୀରରେ ଆବଶ୍ୟକ ଅନୁସାରେ କୋଷର ବିଭାଜନ ଓ ବୃଦ୍ଧି ହୁଏ । ସମୟ କ୍ରମେ ଏହି କୋଷଗୁଡ଼ିକର ମୃତ୍ୟୁ ଘଟେ । ଯାହା ପରେ ପୁଣି ନୂଆ କୋଷର ଗଠନ ହୁଏ । ଏହି ପ୍ରକ୍ରିୟା ଏକ ନିୟନ୍ତ୍ରିତ ଚକ୍ର ଅନୁସରଣ କରେ । ଏହି ପ୍ରକ୍ରିୟାରେ ବାଧା ଘଟିଲେ କର୍କଟ ରୋଗର ଉତ୍ପତ୍ତି ହୁଏ । ଶରୀରର କୌଣସି କୋଷର ଅତ୍ୟଧିକ ବୃଦ୍ଧିକୁ 'କର୍କଟ' ବା 'କ୍ୟାନ୍ସର' ବୋଲି କୁହାଯାଏ । ତେବେ କର୍କଟ କାହାକୁ କୁହାଯାଏ, ଏହାର ପ୍ରକାର, କାରଣ ଓ ଲକ୍ଷଣ, ପରୀକ୍ଷଣ ଓ ଚିକିତ୍ସା ପଦ୍ଧତିକୁ ନେଇ ସ୍ୱତନ୍ତ୍ର ଆଲେଖ୍ୟ ।

# ପ୍ରାଣଘାତୀ କର୍କଟ






ଡାକ୍ତର ଆଶୁତୋଷ ପାଣିଗ୍ରାହୀ

## କର୍କଟ କ'ଣ

କର୍କଟ ରୋଗ ହେଉଛି କୋଷଗୁଡ଼ିକର ଏକ ଅନିୟନ୍ତ୍ରିତ ବୃଦ୍ଧି, ଯେଉଁଠାରେ ପରିବର୍ତ୍ତିତ କୋଷଗୁଡ଼ିକ ପ୍ରାକୃତିକ ଚୟନ ପ୍ରକ୍ରିୟା ମାଧ୍ୟମରେ ପରିବର୍ତ୍ତିତ ହୋଇଥାନ୍ତି । ଏହା ମଣିଷ ଶରୀରର ଯେ କୌଣସି ଅଙ୍ଗରେ ଆରମ୍ଭ ହୋଇପାରେ । ଆମ ଶରୀରର କୋଷ ବୃଦ୍ଧି ବନ୍ଦ କରିବା ପାଇଁ ଥିବା ପ୍ରାକୃତିକ ସଙ୍କେତ ଏହି ଅସ୍ୱାଭାବିକ କୋଷ ବୃଦ୍ଧିକୁ ରୋକି ପାରେ ନାହିଁ । ଯାହାକି ଏକ ଟ୍ୟୁମରର ରୂପ ନିଏ ।

ବିନାଇନ୍ ଟ୍ୟୁମର ଧୀରେ ଧୀରେ ବଢ଼େ । ଯେତେବେଳେ ମାଲିଗ୍ନାଣ୍ଟୋଣ୍ଟ ଟ୍ୟୁମର ଖୁବ୍ ଶୀଘ୍ର ବଢ଼େ । ମାଲିଗ୍ନାଣ୍ଟ ଟ୍ୟୁମର ପାର୍ଶ୍ୱବର୍ତ୍ତୀ ବା ଦୂର ଅଙ୍ଗକୁ ବ୍ୟାପି ଯାଏ, ଯାହାକୁ ଆମେ ମେଟାଷ୍ଟାସିସ୍ ବୋଲି କହୁ ।



## କର୍କଟ ରୋଗର ପ୍ରକାର

**ଶହେରୁ ଅଧିକ ପ୍ରକାରର କର୍କଟ ରୋଗ ଅଛି । ଏସବୁ ରୋଗଗୁଡ଼ିକକୁ ଦୁଇଟି ମୁଖ୍ୟ ବର୍ଗରେ ବିଭକ୍ତ କରାଯାଏ । ତାହା ହେଉଛି ସଲିଡ୍ ଟ୍ୟୁମର୍ ଓ ରକ୍ତ ଟ୍ୟୁମର୍ ।**

### ୧- ସଲିଡ୍ ଟ୍ୟୁମର

ଯାହାକି ଅଙ୍ଗ ବା ଟିସୁରୁ ବିକଶିତ ହୁଏ । ଏହା ହେଉଛି ସବୁଠାରୁ ସାଧାରଣ ପ୍ରକାରର କର୍କଟ । ପ୍ରାୟ ୮୦ରୁ ୯୦ ପ୍ରତିଶତ କର୍କଟ ଏହି ପ୍ରକାରର ହୋଇଥାଏ । ସଲିଡ୍ ଟ୍ୟୁମର୍ ମୁଖ୍ୟତଃ ଦୁଇ ପ୍ରକାରର ହୋଇଥାଏ ।

କାର୍ସିନୋମା ଯାହାକି ଏପିଥେଲିଆଲ ଟିସୁରୁ ଜାତ ସଲିଡ୍ ଟ୍ୟୁମର । ଉଦାହରଣ ସ୍ୱରୂପ ଚର୍ମ କର୍କଟ । ଚର୍ମ କର୍କଟ ଚର୍ମର ବିଭିନ୍ନ କୋଷିକାରୁ ବିକଶିତ ହୁଏ । ସ୍କ୍ୱାମସ ସେଲ୍, କାର୍ସିନୋମା, ବେଶାଲ୍ ସେଲ୍ କାର୍ସିନୋମା ଓ ମେଲାନୋମା ଆଦି ଏହି ଗୋଷ୍ଠୀର କ୍ୟାନ୍ସର । ସେହିପରି ସ୍ତନ କର୍କଟ ଯାହାକି ଉଭୟ ମହିଳା ଓ ପୁରୁଷଙ୍କ ସ୍ତନରୁ ଉତ୍ପତ୍ତି ହୁଏ । ଏହି ପ୍ରକାରର କର୍କଟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ତନରେ ପରିବର୍ତ୍ତନ, ସ୍ତନ ଭିତରକୁ ପଶିଯିବା ପରି, ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଇଥାଏ । ସେହିପରି ନନ୍ ସ୍ମଲ୍ ସେଲ୍ କ୍ୟାନ୍ସର ଏବଂ ସ୍ମଲ ସେଲ୍ କ୍ୟାନ୍ସର ମୁଖ୍ୟତଃ ଦୁଇ ପ୍ରକାରର ଫୁସ୍‌ଫୁସ୍ କ୍ୟାନ୍ସର । ଧୂମପାନ ଯୋଗୁଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗରେ କର୍କଟ ରୋଗ ହୋଇଥାଏ । ସେଥିମଧ୍ୟରୁ ଫୁସ୍‌ଫୁସ୍, ମୁଖଗହ୍ୱର, ସ୍ୱରଯନ୍ତ୍ର, ଖାଦ୍ୟନଳୀ, ପାକସ୍ଥଳୀ, ଅଗ୍ନାଶୟ, ବୃକ୍କ କର୍କଟ ଅନ୍ୟତମ ।

ଖାଦ୍ୟନଳୀ କର୍କଟ ମଧ୍ୟରେ ଅନ୍ତର୍ଭୁକ୍ତ ରୋଗଗୁଡ଼ିକ ହେଲା କୋଲେରେକ୍ଟାଲ୍ କର୍କଟ, ଗାଷ୍ଟ୍ରିକ କ୍ୟାନ୍ସର, ପିତ୍ତଶୟ କର୍କଟ । ମହିଳାମାନଙ୍କ କ୍ଷେତ୍ରରେ ମୁଖ୍ୟ କାର୍ସିନୋମା ହେଉଛି ଜରାୟୁ କ୍ୟାନ୍ସର, ସର୍ଭାଇକାଲ୍ କ୍ୟାନ୍ସର ଇତ୍ୟାଦି । ସେହିପରି ବ୍ଲାଡର୍ କର୍କଟ ମୂତ୍ରାଶୟରୁ ବାହାରିଥାଏ । ସାର୍କୋମା ଯାହାକି ସଂଯୋଜିତ ଟିସୁରୁ ବାହାରିଥାଏ । ଉଦାହରଣ ସ୍ୱରୂପ :- ଅସ୍ଥି କର୍କଟ ମଧ୍ୟରେ ଓଷ୍ଟିଓସାରକୋମା, ଇଉଙ୍ଗ ସାରକୋମା, କଣ୍ଡ୍ରୋସାରାକୋମା ଇତ୍ୟାଦି ଅନ୍ତର୍ଭୁକ୍ତ । ସେହିପରି ସଫ୍ଟ ଟିସୁ ସାର୍କୋମା ଯେପରି ଲିଓମାୟୋସାର୍‌କୋମା ଯାହାକି ମାଂସପେଶୀରୁ ବାହାରିଥାଏ । ଲାଇପୋସର୍କୋମା ଯାହାକି ଫ୍ୟାଟ୍ ଟିସୁରୁ ହୁଏ । ସ୍ନାୟୁରୁ ହେଉଥିବା କର୍କଟକୁ ନିଉରୋଫାଇବ୍ରୋମା କୁହାଯାଏ ।

### ୨- ରକ୍ତ କର୍କଟ

ରକ୍ତକୋଷ ବା ରକ୍ତଗଠନକାରୀ ଟିସୁରୁ ରକ୍ତ କର୍କଟ ଆରମ୍ଭ ହୁଏ । ଏହା ମୁଖ୍ୟତଃ ତିନି ପ୍ରକାରର ହୁଏ । ଲ୍ୟୁକେମିଆ, ଲିମ୍ଫୋମା, ମାଇଲୋମା ।

**ଲ୍ୟୁକେମିଆ** : ଏକ୍ୟୁଟ୍ ଲିମ୍ଫୋବ୍ଲାଷ୍ଟିକ ଲ୍ୟୁକେମିଆ, ଏକ୍ୟୁଟ୍ ମାଇଲୋବ୍ଲାଷ୍ଟିକ୍ ଲ୍ୟୁକେମିଆ ଇତ୍ୟାଦି ।



**ଲିମ୍ଫୋମା** : ଏହା ମୁଖ୍ୟତଃ ଦୁଇପ୍ରକାରର ହଡକିନ୍ ଲିମ୍ଫୋମା, ନନ୍ ହଡିକିନ୍ ଲିମ୍ଫୋମା ।

**ମାଇଲୋମା** : ଯାହା କି ଶରୀରର ପ୍ଲାଜ୍‌ମା ସେଲ୍‌ରୁ ବିକଶିତ ହୁଏ ।

ଏହାବ୍ୟତୀତ କର୍କଟ ରୋଗ ଯେଉଁ ଅଙ୍ଗରୁ ଆରମ୍ଭ ହୁଏ ସେହି ଅନୁସାରେ ତାହାର ନାମକରଣ କରାଯାଏ । ଯେପରିକି ଜର୍ମ ସେଲ୍ ଟ୍ୟୁମର, ନ୍ୟୁରୋଏଣ୍ଡୋକ୍ରାଇନ ଟ୍ୟୁମର, ପାନ୍‌କ୍ରିଆସ ଟ୍ୟୁମର, ମସ୍ତିଷ୍କ ଟ୍ୟୁମର ଇତ୍ୟାଦି ।

୨୦୨୨ ଆକଳନ ଅନୁସାରେ ଓଡ଼ିଶାରେ ଉଭୟ ପୁରୁଷ ଓ ମହିଳା ବିଭିନ୍ନ ପ୍ରକାରର କର୍କଟରେ ପୀଡ଼ିତ । ତନ୍ମଧ୍ୟରୁ ପୁରୁଷଙ୍କଠାରେ ଦେଖାଯାଉଥିବା ସାଧାରଣ କର୍କଟ ଗୁଡ଼ିକ ହେଉଛି ମୁଖଗହ୍ୱର କର୍କଟ (୧୩.୯%), ପାକସ୍ଥଳୀ କର୍କଟ (୧୨.୭%) ଫୁସ୍‌ଫୁସ୍ କର୍କଟ (୧୦%), ନନ୍ ହଡକିନ୍ ଲିମ୍ଫୋମା (୬.୬%), କୋଲନ୍ କର୍କଟ ( ୬.୩%), ପ୍ରୋଷ୍ଟେଟ୍ କର୍କଟ (୪.୩%), ପୀତକୋଶ କର୍କଟ ( ୨୬%) । ପୁରୁଷଙ୍କ ପରି ମହିଳାମାନଙ୍କ କ୍ଷେତ୍ରରେ ଅଧିକ ଦେଖାଯାଉଥିବା କର୍କଟ ସ୍ତନ କର୍କଟ (୨.୬%), ଜରାୟୁ କର୍କଟ(୪.୬%), ସରଭିକ୍ସ କର୍କଟ (୨୦.୭%) ପାକସ୍ଥଳୀ କର୍କଟ (୫.୧%), ପୀତକୋଷ କର୍କଟ ୩.୭% । ପିଲାମାନେ ମଧ୍ୟ ଏହି କର୍କଟ ରୋଗରୁ ବାଦ୍ ପଡ଼ନ୍ତିନି । ସମସ୍ତ କର୍କଟର ୧.୬% କର୍କଟ ଶିଶୁ ଓ କିଶୋରମାନଙ୍କ ପାଖରେ ଦେଖାଯାଏ । ଏଥିମଧ୍ୟରେ ଲ୍ୟୁକେମିଆ (୨୨.୮%), ଅସ୍ଥି କର୍କଟ (୧୮%), ଲିମ୍ଫୋମା (୧୬%) ଅନ୍ୟତମ । ପିଲାମାନଙ୍କର ହେଉଥିବା ଅନ୍ୟ ସାଧାରଣ କର୍କଟଗୁଡ଼ିକ ହେଲା ନ୍ୟୁରୋବ୍ଲାଷ୍ଟୋମା, ରେଟିନୋବ୍ଲାଷ୍ଟୋମା, ୱିଙ୍ଗ ଟ୍ୟୁମର, ସଫ୍ଟ ଟିସୁ ସାରକୋମା ।

ଭାରତରେ ପ୍ରତି ୯ ଜଣଙ୍କ ମଧ୍ୟରୁ ଜଣେ ତାଙ୍କ ଜୀବନକାଳରେ କର୍କଟ ରୋଗରେ ପୀଡ଼ିତ ହେବାର ସମ୍ଭାବନା ଅଛି । ସାରା ପୃଥିବୀରେ ମୃତ୍ୟୁର ପ୍ରମୁଖ କାରଣ ହେଉଛି କର୍କଟ ରୋଗ । ୨୦୨୨ ଆକଳନ ଅନୁସାରେ ଭାତତରେ ବାର୍ଷିକ ପ୍ରତ୍ୟେକ ୧ ଲକ୍ଷ ଲୋକଙ୍କ ମଧ୍ୟରୁ ୬୧ ଜଣଙ୍କର ମୃତ୍ୟୁ କର୍କଟ ରୋଗ ପାଇଁ ହୋଇଥାଏ ।

## କର୍କଟ ରୋଗର କାରଣ

ଅନେକ ସମୟରେ କର୍କଟ ରୋଗର କୌଣସି ସ୍ପଷ୍ଟ କାରଣ ନଥାଏ । କର୍କଟ ରୋଗ ଏକ କୋଷର ଜିନ୍‌ର ପରିବର୍ତ୍ତନରୁ ସୃଷ୍ଟି ହୁଏ, ଯାହାକୁ ଜେନେଟିକ୍ ମ୍ୟୁଟେସନ୍ କୁହାଯାଏ । ଏହି ଜିନ୍‌ର ତ୍ରୁଟି ଯୋଗୁଁ କୋଷଗୁଡ଼ିକର ବୃଦ୍ଧି ଓ ବିଭାଜନ ପ୍ରକ୍ରିୟା ଅଣନିୟନ୍ତ୍ରିତ ଏବଂ ଅସ୍ୱାଭାବିକ ହୋଇଯାଏ । ସାଧାରଣତଃ ଅଧିକାଂଶ ଅସ୍ୱାଭାବିକ କୋଷଗୁଡ଼ିକ ମରିଯାଆନ୍ତି । କିନ୍ତୁ କିଛି ଜିନ୍ ପରିବର୍ତ୍ତନ ସାଧାରଣ କୋଷଗୁଡ଼ିକକୁ କର୍କଟ କୋଷ ଭାବରେ ବଞ୍ଚିବାକୁ ଓ ବଢ଼ିବାକୁ ଅନୁମତି ଦିଅନ୍ତି । ମୌଳିକ ଭାବେ ଜଣେ ବ୍ୟକ୍ତି ଜେନେଟିକ୍ ମ୍ୟୁଟେସନ୍‌କୁ ତା'ର ଜୀବନ କାଳରେ ଅର୍ଜନ କରନ୍ତି କିମ୍ବା ବଂଶାନୁଗତିକ ଉତ୍ତରାଧିକାରୀ ଭାବେ ଅର୍ଜନ କରନ୍ତି ।

କର୍କଟ ଗବେଷଣା ଅନୁସାରେ ଜେନେଟିକ୍ ଏବଂ ବାହ୍ୟ କାରଣ ମଧ୍ୟରେ ଜଟିଳ ପାରସ୍ପରିକ କ୍ରିୟାର କୁପରିଣତି ସ୍ୱରୂପ କର୍କଟ ରୋଗର ସୃଷ୍ଟି ହୋଇଥାଏ ।


ଅଦ୍ୟାବଧି ଚିହ୍ନଟ ହୋଇଥିବା ପ୍ରମୁଖ ପ୍ରତିରୋଧଯୋଗ୍ୟ ବାହ୍ୟ କାରଣ ଗୁଡ଼ିକ ହେଲା, ତମାଖୁ ଓ ମଦ୍ୟପାନ, ବିଶୃଙ୍ଖଳିତ ଜୀବନଶୈଳୀ, ପୃଥୁଳତା, କମ୍ ବ୍ୟାୟାମ, ଖରାପ ଖାଦ୍ୟ, ଜିନ୍‌ରେ ତ୍ରୁଟି ଦେଖାଦେବା, ପରିବେଶଗତ କାରଣ, ବିକିରଣ, ବାୟୁ ଓ ଜଳ ପ୍ରଦୂଷଣ, ଶିଳ୍ପଜନିତ ବିଷାକ୍ତ ପଦାର୍ଥ, ହାନିକାରକ ରାସାୟନିକ ବିକିରଣ ସଂସ୍ପର୍ଶରେ ଆସିବା, ଇନ୍‌ଫେକ୍ସନ: ଏଚ୍‌ଆଇଭି, ହେପାଟାଇଟିସ୍ ବା କେତେକ ଜନ୍ମଗତ ରୋଗ ଏହାର ମୁଖ୍ୟ କାରଣ ।

## କର୍କଟ ରୋଗର ଲକ୍ଷଣ

କର୍କଟ ଏକ ଜଟିଳ ରୋଗ । କର୍କଟ ରୋଗରେ ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ଲକ୍ଷଣ ହୋଇଥାଏ । ଲକ୍ଷଣ ମୁଖ୍ୟତଃ ରୋଗୀର କେଉଁ ପ୍ରକାର କର୍କଟ ଅଛି ଓ ତାହା କେତେ ବ୍ୟାପିଛି ତାହା ଉପରେ ନିର୍ଭର କରେ । କେତେକ କର୍କଟ ରୋଗ ଯଥା ସିଏଲ୍‌ଏଲ୍, ସିଏମ୍‌ଏଲ୍ ଦେହରେ ଥାଇ ମଧ୍ୟ ବର୍ଷ ବର୍ଷ ଧରି କୌଣସି ଲକ୍ଷଣ ଦେଖାଏ ନାହିଁ। ଅନ୍ୟପକ୍ଷରେ କେତେକ ରୋଗୀ ଖୁବ ଶୀଘ୍ର ରୋଗାକ୍ରାନ୍ତ ହୋଇଯାଆନ୍ତି। ସାଧାରଣ ସତର୍କତା ଲକ୍ଷଣଗୁଡ଼ିକ ହେଲା ଓଜନ ହ୍ରାସ, ଥକ୍କାପଣ ଯାହା ବିଶ୍ରାମ ସହିତ ଉପଶମ ହୁଏ ନାହିଁ।

## ଅନ୍ୟାନ୍ୟ ଲକ୍ଷଣ

ଯନ୍ତ୍ରଣାହୀନ ଗ୍ଲାଣ୍ଡ ବା କୌଣସି ଅଙ୍ଗରେ ଟ୍ୟୁମର, ନୂତନ ବା କ୍ରମାଗତ ବଢୁଥିବା କଳାଜାଇ ଚର୍ମଦାଗ, ଦୀର୍ଘଦିନ ଧରି ଘାଆ ନଶୁଖିବା, ନୂତନ ଭାବେ କାମଳ ଦେଖାଦେବା, କୌଣସି କାରଣ ବିନା ଶରୀରରେ ଯନ୍ତ୍ରଣା ହେବା, ଅସାଧାରଣ ରକ୍ତସ୍ରାବ ବା କଳାଝାଡ଼ା, ଦୀର୍ଘଦିନ ଧରି କାଶ ହେବା ବା ସ୍ୱର ପରିବର୍ତ୍ତନ ବା ଖାଇବା, ଝାଡ଼ା, ମୂତ୍ରରେ ଅସୁବିଧା ଅନୁଭବ କରିବା । ଏହି ସବୁ ଲକ୍ଷଣ ଆସିବା ଅର୍ଥ ନୁହେଁ କର୍କଟ ରୋଗ ହୋଇଛି । ଏହା ଏକ ସମ୍ପୂର୍ଣ୍ଣ ତାଲିକା ନୁହେଁ। ଶରୀରରେ ସୂକ୍ଷ୍ମ, ସ୍ଥାୟୀ ପରିବର୍ତ୍ତନକୁ ଚିହ୍ନଟ କରିବା ଏବଂ ଡାକ୍ତରଙ୍କ ପରାମର୍ଶ ଦ୍ୱାରା କର୍କଟ ରୋଗକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରାଯାଇ ଚିକିତ୍ସା ମାଧ୍ୟମରେ ସମ୍ପୂର୍ଣ୍ଣ ଭଲ କରାଯାଇପାରେ। ଅନେକ କ୍ଷେତ୍ରରେ ଲକ୍ଷଣ ଥିଲେ ମଧ୍ୟ ଲୋକମାନେ ଭୟରେ ପରାମର୍ଶ କରନ୍ତି ନାହିଁ, ଯାହାକି ସମ୍ପୂର୍ଣ୍ଣ ଭୁଲ । ଏକ ସରଳ ପରାମର୍ଶ ଆମେ ଦେଇଥାଉ ଯାହା ହେଉଛି ଯେତେବେଳେ ଆପଣଙ୍କ ଶରୀରରେ ଦୁଇ ସପ୍ତାହରୁ ଅଧିକ ସମୟ ପାଇଁ କୌଣସି ପରିବର୍ତ୍ତନ ହୁଏ ସେତେବେଳେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ପରାମର୍ଶ କରିବା ଆବଶ୍ୟକ ।




## କର୍କଟ ରୋଗର ଚିହ୍ନଟ ଏବଂ ଚିକିତ୍ସା

ସଂପ୍ରତି କର୍କଟ ରୋଗର ସଠିକ୍ ନିର୍ଣ୍ଣୟ ଏବଂ ଚିକିତ୍ସା ଏକ ପ୍ରିସିଜନ୍ ମେଡିସିନ୍ । ଏହା ରୋଗର ଜେନେଟିକ୍ ଏବଂ ମଲିକ୍ୟୁଲାର ପ୍ରୋଫାଇଲ୍ ଉପରେ ନିର୍ଭର କରେ ଏବଂ ଟାର୍ଗେଟେଡ୍ ଚିକିତ୍ସା ପ୍ରଣାଳୀରେ ରୋଗର ନିରାକରଣ କରାଯାଏ । ପ୍ରାଥମିକସ୍ତରରୁ ରୋଗକୁ ଚିହ୍ନଟ କରିବା ସବୁଠାରୁ ଜରୁରି । କାରଣ ଏହା ଦ୍ୱାରା ରୋଗକୁ ମୂଳପୋଛ କରାଯାଇପାରେ ।



**ଚିହ୍ନଟ:** ପ୍ରଥମତଃ ରୋଗୀ ଡାକ୍ତରଙ୍କୁ ତାଙ୍କ ରୋଗ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ଉଚିତ । ଏହାପରେ ସମ୍ପୂର୍ଣ୍ଣ ଶାରୀରିକ ପରୀକ୍ଷା କରାଯାଏ । ଏହାପରେ ନିମ୍ନଲିଖିତ ଯାଞ୍ଚ ପରୀକ୍ଷା କରାଯାଏ ।



**ବାୟୋପ୍‌ସି** : କେଉଁ ପ୍ରକାର କର୍କଟ ଜାଣିବା ପାଇଁ ଏହା ନିତାନ୍ତ ଆବଶ୍ୟକ ।
**ଇମେଜିଂ** : ରୋଗର ସ୍ତର ବା ଷ୍ଟେଜ ଜାଣିବା ଜରୁରି । ସିଟି ସ୍କାନ, ପେଟ୍ ସ୍କାନ ବା ଏମ୍‌ଆର୍‌ଆଇ ମାଧ୍ୟମରେ ଏହା ଚିହ୍ନଟ କରାଯାଇଥାଏ । ସେହିପରି




ସିବିସି, ବାୟୋକେମେଷ୍ଟ୍ରି, ଇସିଜି, ଇକୋକାଡିଓଗ୍ରାଫି, ଟ୍ୟୁମର ମାର୍କର ପରୀକ୍ଷା, ମଲିକ୍ୟୁଲାର ଟେଷ୍ଟ ଏବଂ ଜେନେଟିକ୍ ଟେଷ୍ଟ କରାଯାଇଥାଏ, ଯାହାକି ସଠିକ୍ ରୋଗ ଚିହ୍ନଟ ଓ ଟାର୍ଗେଟେଡ୍ ଥେରାପି ପାଇଁ ଆବଶ୍ୟକତା ରହିଛି ।




**ବୋନ୍ ମେରୋଟେଷ୍ଟ** : ଏହା ମୁଖ୍ୟତଃ ରକ୍ତ କର୍କଟ ଓ ମେଟାଷ୍ଟାସିକ୍ ଚିହ୍ନଟ ପାଇଁ ବ୍ୟବହାର କରାଯାଏ । ଅଧୁନା ବ୍ୟବହୃତ ଚିହ୍ନଟ ପଦ୍ଧତି ଯେମିତିକି ଲିକ୍ୱିଡ୍ ବାୟୋପ୍‌ସି, ଏଆଇ ଏନ୍‌ହାନ୍‌ସଡ ଇମେଜିଂ ଇତ୍ୟାଦି କମ୍ କଷ୍ଟଦାୟକ ଏବଂ ଅଧିକ ସଠିକ ।

# ଚିକିତ୍ସା

**କର୍କଟ ରୋଗର ଚିକିତ୍ସା ନିମନ୍ତେ ଅନେକ ଅତ୍ୟାଧୁନିକ ଓ ବୈଜ୍ଞାନିକ ଚିକିତ୍ସା ପଦ୍ଧତି ଉପଲବ୍ଧ।**





**ଶଲ୍ୟ ଚିକିତ୍ସା**: ଏହା ମୁଖ୍ୟତଃ ସଲିଡ୍ ଟ୍ୟୁମର ପାଇଁ ବ୍ୟବହୃତ ହୁଏ । ଏହାଦ୍ୱାରା ସର୍ଜରୀ ମାଧ୍ୟମରେ କର୍କଟ ପ୍ରଭାବିତ ଅଂଶକୁ ଶରୀରରୁ ବାହାର କରାଯାଏ । କର୍କଟ ପାଇଁ ବ୍ୟବହୃତ ଚିକିତ୍ସା ପଦ୍ଧତିରେ ଅସ୍ତ୍ରୋପଚାର ପରି ଅନ୍ୟାନ୍ୟ ଥେରାପି ଅନ୍ତର୍ଭୁକ୍ତ ରହିଛି ।

**କେମୋଥେରାପି ଚିକିତ୍ସା**: ଇଞ୍ଜେକସନ୍ ବା ଖାଇବା ଔଷଧ ଦ୍ୱାରା କ୍ୟାନ୍ସର କୋଷକୁ ନଷ୍ଟ କରାଯାଏ ।

**ରେଡିଓଥେରାପି ଚିକିତ୍ସା** : ଅନେକ ପ୍ରକାରର କର୍କଟ ପାଇଁ ରେଡିଓଥେରାପି ବା ବିକିରଣ ଚିକିତ୍ସା ଯୋଗାଇ ଦିଆଯାଏ । ଏହା ରୋଗର ଜଟିଳତାକୁ ହ୍ରାସ କରେ । କର୍କଟ ଚିକିତ୍ସାରେ ଏହା ପ୍ରଭାବୀ ।

**ଟାର୍ଗେଟେଡ୍ ଥେରାପି**: ଏହା କର୍କଟ କୋଷର ଜିନ୍ ପ୍ରୋଟିନ୍ ଟିସୁକୁ ଟାର୍ଗେଟ କରି ତାହାକୁ ନଷ୍ଟ କରେ। ଏହା ସୁସ୍ଥ ଟିସୁକୁ କମ୍ ପ୍ରଭାବିତ କରେ।


**ଇମ୍ୟୁନୋଥେରାପି**: ଏଥିରେ ରୋଗୀର ପ୍ରତିରୋଧକ ଶକ୍ତିକୁ କର୍କଟ ଚିକିତ୍ସାରେ ବ୍ୟବହାର କରାଯାଏ। ମନୋକ୍ଲୋନାଲ୍ ଆଣ୍ଟିବଡ଼ି, କାର ଟି-ସେଲ ଥେରାପି, କ୍ୟାନ୍ସର ଟିକା ଏହାର ଉଦାହରଣ ।

**ଅସ୍ଥି ମଜ୍ଜା ପ୍ରତିରୋପଣ** : ଏଥିରେ ପ୍ରଥମେ କେମୋଥେରାପି ବା ରେଡିଏସନ୍ ବା ଉଭୟର ମିଶ୍ରଣରେ ରୋଗୀର କର୍କଟ କୋଷକୁ ନଷ୍ଟ କରାଯାଏ । ତା'ପରେ ରୋଗୀକୁ ନିଜର ଅସ୍ଥିମଜ୍ଜା (ଅଟୋଲୋଗସ୍ ରୋପଣ) ବା ଅନ୍ୟ ଜଣେ ସୁସ୍ଥ ଅସ୍ଥି ମଜ୍ଜାଦାତା (ଯେପରିକି ଭାଇ ଭଉଣୀ ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ସହ ମେଳ ଖାଉଥିବା ବ୍ୟକ୍ତି) ମାନଙ୍କଠାରୁ ସଂଗୃହୀତ ଷ୍ଟେମ୍ ସେଲ୍‌କୁ (ଆଲୋଜେନିକ୍ ଅସ୍ଥି ମଜ୍ଜା ରୋପଣ) ରୋଗୀର ଶରୀରକୁ ଏକ ଶିରା ମାଧ୍ୟମରେ ସଂଚାରଣ କରାଯାଇଥାଏ । ମୁଖ୍ୟତଃ ରକ୍ତ କର୍କଟ ପାଇଁ ଏହା ବ୍ୟବହୃତ ।

ପିଲାମାନଙ୍କର କର୍କଟ ରୋଗର ଚିକିତ୍ସା ପଦ୍ଧତି ବୟସ୍କଙ୍କଠାରୁ ଅଲଗା ରହିଥାଏ । କାରଣ ପିଲାମାନେ କେମୋଥେରାପିକୁ ଭଲରେ ସହିପାରନ୍ତି ଏବଂ ସେମାନଙ୍କ କ୍ଷେତ୍ରରେ ଭଲ କାମ ଦିଏ ।







## ପାଲିଏଟିଭ କେୟାର


ଏହା ଏକ ବିଶେଷ ସ୍ୱାସ୍ଥ୍ୟସେବା । ଯାହା କର୍କଟ ରୋଗର ଗୁରୁତର ଭାବେ ଆକ୍ରାନ୍ତ ରୋଗୀଙ୍କର କଷ୍ଟ ଓ ଯନ୍ତ୍ରଣା କମାଇବା ପାଇଁ ବ୍ୟବହାର କରାଯାଏ। ଉପରୋକ୍ତ ଚିକିତ୍ସା ସହିତ ରୋଗ ଏବଂ ଚିକିତ୍ସାର କୁପ୍ରଭାବକୁ ଏଡ଼ାଇବା ପାଇଁ ବିଭିନ୍ନ ପ୍ରକାରର ଆନୁଷଙ୍ଗିକ ଚିକିତ୍ସା ପ୍ରଦାନ କରାଯାଏ। ଯେମିତିକି ରକ୍ତ ନେବା, ଆଣ୍ଟିବାୟୋଟିକ୍ ଚିକିତ୍ସା ଇତ୍ୟାଦି । ସମସ୍ତ କର୍କଟର ରୋଗରୁ କୌଣସି ନିର୍ଦ୍ଦିଷ୍ଟ ପ୍ରତିରୋଧକ ଚିକତ୍ସା ଉପଲବ୍ଧ ହୋଇପାରିନାହିଁ । କେତେକ କର୍କଟ ରୋଗ ଯେମିତିକି ସର୍ଭିକାଲ୍ କ୍ୟାନ୍ସର ଟିକା ମାଧ୍ୟମରେ ନିବାରଣ କରାଯାଇପାରେ ।

ରକ୍ତକୋଷିକା, ଲିମ୍ଫାଟିକ୍ ଟିସୁ ଓ ପ୍ଲାଜ୍‌ମା ସେଲ୍ ସାରା ଶରୀରରେ ବ୍ୟାପି ରହିଥାଏ । ତେଣୁ ରକ୍ତ କର୍କଟ ପାଇଁ ଅସ୍ତ୍ରୋପଚାର ପ୍ରାୟତଃ ଏକ ପ୍ରାଥମିକ ବିକଳ୍ପ ନୁହେଁ। ଏହାକୁ ମୁଖ୍ୟତଃ କେମୋଥେରାପି, ଟାର୍ଗେଟେଡ୍ ଥେରାପି, ଇମ୍ୟୁନୋ ଥେରାପି ଏବଂ ଅସ୍ଥିମଜ୍ଜା ପ୍ରତିରୋପଣ ମାଧ୍ୟମରେ ଚିକିତ୍ସା କରାଯାଏ । ଆଜିକାଲିର ଉନ୍ନତି ଚିକିତ୍ସା ପ୍ରଣାଳୀ ଦ୍ୱାରା ଯେକୌଣସି କର୍କଟ ରୋଗର ସଫଳ ଚିକିତ୍ସା ସମ୍ଭବ। ଯଦି ରୋଗକୁ ଆରମ୍ଭରୁ ସଠିକ୍ ଚିହ୍ନଟ କରାଯାଏ, ତେବେ କର୍କଟ ଭଳି ଜଟିଳ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ମିଳିପାରିବ ।



## ଚିକିତ୍ସା ସହାୟତା

ଓଡ଼ିଶାରେ ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କର୍କଟ ରୋଗର ସମସ୍ତ ଚିକିତ୍ସା ଉପଲବ୍ଧ ଅଛି । ରୋଗୀମାନେ ଭୟଭୀତ ନ ହୋଇ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ଓଡ଼ିଶା ସରକାରଙ୍କ ପକ୍ଷରୁ ଅନେକ ସ୍ୱାସ୍ଥ୍ୟ ଯୋଜନା ଅଛି, ଯାହାଦ୍ୱାରା କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ ।



କର୍କଟ ରୋଗ ପାଇଁ ଅନ୍ୟ ଏକ ଜରୁରି ସୂଚନା ହେଲା ଥରେ ଚିକିତ୍ସା ଆରମ୍ଭ କଲେ ସମୟ ମୁତାବକ ଏହାର ଚିକିତ୍ସାକୁ ସମ୍ପୂର୍ଣ୍ଣ କରିବା। ଯାହାଦ୍ୱାରା ଫଳାଫଳ ଖୁବ୍ ଉନ୍ନତ ମାନର ହୋଇଥାଏ। ଯଦି ରୋଗୀ ଠିକ୍ ସମୟରେ ଚିକିତ୍ସା ନ ନିଏ ବା ଅଧାରୁ ଚିକିତ୍ସା ବନ୍ଦ କରିଦିଏ, ତେବେ କର୍କଟ ରୋଗକୁ ଠିକ୍ କରିବା କଷ୍ଟସାଧ ଓ ଯଦି ବି ନିୟନ୍ତ୍ରଣକୁ ଆସେ ଖୁବ୍ ଶୀଘ୍ର ଏହା ପ୍ରତ୍ୟାବର୍ତ୍ତନ କରେ ଯାହାକୁ ରିଲାପ୍ସ କୁହାଯାଏ ।










## କର୍କଟ ନିରାକରଣ

କର୍କଟ ରୋଗର ପ୍ରତିରୋଧ କରିବା ସମୟ ସାପେକ୍ଷ । ଏଥିପାଇଁ ଦୀର୍ଘକାଳୀନ ରଣନୀତି ଆବଶ୍ୟକ । ଚିକିତ୍ସା ଓ ଜୀବନଶୈଳୀରେ ପରିବର୍ତ୍ତନ ଦ୍ୱାରା ୩୦ରୁ ୫୦% କର୍କଟକୁ ଏଡ଼ାଇ ଦିଆଯାଇପାରେ । ଏଥିପାଇଁ କିଛି ନିୟମ ପାଳନ କରିବା ନିତାନ୍ତ ଆବଶ୍ୟକ ।

- ତମାଖୁ, ମଦ୍ୟପାନ, ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ।
- ସୁସ୍ଥ ଓ ସନ୍ତୁଳିତ ଆହାର ସେବନ କରିବା ।
- ମେଦବୃଦ୍ଧି କରିବାକୁ ଦେବା ନାହିଁ ।
- ନିୟମିତ ବ୍ୟାୟାମ, ଶାରୀରିକ କାର୍ଯ୍ୟକଳାପ, ଯଥେଷ୍ଟ ବିଶ୍ରାମ ନେବା, ଯୋଗ ଏବଂ ପ୍ରାଣାୟମ ଆଦି କରିବା ଜରୁରି ।
- ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଟିକାକରଣ କରିବା ଜରୁରି ।
- ସଂକ୍ରମିତ ରୋଗୀଠାରୁ ନିଜକୁ ରକ୍ଷା କରିବା, ହାନିକାରକ ରାସାୟନିକ ଦ୍ରବ୍ୟ ଓ ବିକିରଣଠାରୁ ଦୂରେଇ ରହିବା ଇତ୍ୟାଦି ।
- ୪୦ ବର୍ଷ ପରେ ନିୟମିତ ଶାରୀରିକ ଯାଞ୍ଚ । ପରିବେଶ ସୁରକ୍ଷା ସହିତ ନିଜର ସ୍ୱଚ୍ଛତାକୁ ଧ୍ୟାନ ଦେବା ଆବଶ୍ୟକ । ଥରେ କର୍କଟ ରୋଗ ଚିହ୍ନଟ ହେବା ପରେ ନିୟମିତ ଚିକିତ୍ସା ନେଲେ ଅଧିକାଂଶ ସମୟରେ ରୋଗରୁ ମୁକ୍ତି ମିଳିଥାଏ । ■

ଆଡିସନାଲ୍ ପ୍ରଫେସର
ମେଡିକାଲ୍ ଅଙ୍କୋଲୋଜି/ ହେମାଟୋଲୋଜି, ଏମ୍ସ, ଭୁବନେଶ୍ୱର





# ମହିଳାଙ୍କ କର୍କଟ ରୋଗ

ମହିଳାମାନଙ୍କୁ ସାଧାରଣତଃ ଜରାୟୁ ଗ୍ରୀବା କର୍କଟ ରୋଗ, ସ୍ତନ କର୍କଟ ରୋଗ, ଗର୍ଭାଶୟ ବା ଜରାୟୁ କର୍କଟ ରୋଗ, ଡିମ୍ବାଶୟ କର୍କଟ ରୋଗ, ଜନେନ୍ଦ୍ରିୟ କର୍କଟ ରୋଗ, ଫୁସ୍‌ଫୁସ୍, ଯକୃତ, ଅଗ୍ନ୍ୟାଶୟ, ବୃହତନ୍ତ୍ର ମୁଖ କର୍କଟ ରୋଗ ହୋଇଥାଏ । ଜରାୟୁଗ୍ରୀବା କର୍କଟ ରୋଗରେ ପୀଡ଼ିତ ହୋଇ ପ୍ରତି ୭ ମିନିଟ୍‌ରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥାଏ । କର୍କଟ ରୋଗ ଭୋଗୁଥିବା ଶତକଡ଼ା ୯୦ ଭାଗ ମହିଳାଙ୍କର ଜରାୟୁ ଗ୍ରୀବା କର୍କଟ ରୋଗ ହୋଇଥାଏ, ସେମାନଙ୍କର ଭିତରୁ ଶତକଡ଼ା ୯୦ ଭାଗ ରୋଗୀ, ଶେଷ ପର୍ଯ୍ୟାୟ (ତୃତୀୟ, ଚତୁର୍ଥ ଷ୍ଟେଜ୍) ରେ ପହଞ୍ଚିଥାନ୍ତି, ଫଳରେ ରୋଗୀର ଅସ୍ତ୍ରୋପଚାର ତଥା ଚିକିତ୍ସା ଉପଯୁକ୍ତ ସମୟରେ ହୋଇପାରେ ନାହିଁ ଏବଂ ରୋଗୀ ମୃତ୍ୟୁମୁଖରେ ପଡ଼ିଥାଏ । ପ୍ରାଥମିକ ଅବସ୍ଥାରୁ ଜରାୟୁଗ୍ରୀବା କର୍କଟ ରୋଗୀ ଚିହ୍ନଟ ଓ ଚିକିତ୍ସା କରିପାରିଲେ ୯୨ % ରୋଗୀ ଭଲ ହୋଇଯାନ୍ତି ।



ଡଃ. ସରୋଜିନୀ ଷଡ଼ଙ୍ଗୀ

## କାରଣ

ଅଳ୍ପ ବୟସରେ ବିବାହ ଓ ଅଳ୍ପ ବୟସରେ ଯୌନ ଜୀବନର ଆରମ୍ଭ (ବିଶେଷ କରି ୧୬ ବର୍ଷରୁ କମ୍ ବୟସ) ଅଳ୍ପ ବୟସରେ ପ୍ରଥମ ଗର୍ଭଧାରଣ, ଅଳ୍ପ ସମୟ ବ୍ୟବଧାନରେ ବହୁ ସନ୍ତାନର ଜନନୀ, ଅସ୍ୱାସ୍ଥ୍ୟକର ପରିବେଶରେ ବାସ କରୁଥିବା ତଥା ଅଳ୍ପ ଆୟ କରୁଥିବା ମହିଳା ଯୌନ କ୍ରିୟା ଦ୍ୱାରା ପ୍ରବାହିତ ହେଉଥିବା ଭୂତାଣୁ ଯଥା 'ହ୍ୟୁମାନ୍ ପାପିଲୋମା ଭାଇରସ୍' ଓ 'ହର୍ ପିସ୍ ସିମ୍ପ୍ଲେକ୍ସ ଭାଇରସ୍ ଟାଇପ୍ ଟୁ'କୁ ଏକ୍ସ ପୋଜର, ଅନେକ ପୁରୁଷଙ୍କ ସାଙ୍ଗରେ ଯୌନ ସଙ୍ଗମ / ଯେଉଁ ମହିଳାଙ୍କର ସ୍ୱାମୀଙ୍କର ପୂର୍ବପତ୍ନୀ ଜରାୟୁ ଗ୍ରୀବା କର୍କଟ ରୋଗରେ ମୃତ୍ୟୁ ବରଣ କରିଥାନ୍ତି । ଏଚ.ଆଇ.ଭି ପଜିଟିଭ୍ ମହିଳା, ଗର୍ଭନିରୋଧକ ବଟିକା ସେବନ, ଧୂମପାନ କରୁଥିବା ମହିଳାଙ୍କଠାରେ ଏହା ବେଶି ପରିମାଣରେ ଦେଖା ଦେଇଥାଏ ।

## ଲକ୍ଷଣ

ଅନେକ ଦିନ ଧରି ଧଳାସ୍ରାବ ହେବା ବା ଦୁର୍ଗନ୍ଧଯୁକ୍ତ ରକ୍ତମିଶା ଧଳାସ୍ରାବ, ସ୍ୱାମୀ ସ୍ତ୍ରୀ ଏକତ୍ର ହେବା ପରେ ରକ୍ତସ୍ରାବ ହେବା, ଦୁଇ ମାସିକ ଋତୁସ୍ରାବ ମଝିରେ ମଝିରେ ରକ୍ତସ୍ରାବ ହେବା, ତଳିପେଟ ଓ ଅଣ୍ଟାରେ ବ୍ୟଥା, ଗୋଡ଼ ଫୁଲିଯିବା, ପରିସ୍ରାରେ କଷ୍ଟ, ଘନଘନ ପରିସ୍ରା ତଥା ସବୁବେଳେ ପରିସ୍ରା ପଡ଼ିବା ଏବଂ ମଳ ଦ୍ୱାରରେ କଷ୍ଟ ଆଦି ହୋଇଥାଏ ।

## ଚିହ୍ନଟ

ଜରାୟୁ ଗ୍ରୀବା କର୍କଟ ରୋଗର ଚିହ୍ନଟ ପାଇଁ କ୍ଲିନିକାଲ୍ ଷ୍ଟେଜିଂ, ପାପ୍‌ସ୍ମିଅର୍, କଲପୋସ୍କୋପି ଗାଇଡେଡ୍ ବାଇଓପିସ୍ ଦ୍ୱାରା ଜରାୟୁଗ୍ରୀବାର ମାଂସ ପରୀକ୍ଷା କରାଯାଇଥାଏ, ପରେ ଜରାୟୁ ଅପସାରଣ ସହ ଲିମ୍ଫନୋଡ଼ ବି କଢ଼ା ଯାଇଥାଏ (ୱର୍ଦିମସ୍ ହିଷ୍ଟେରୋକ୍ଟୋମି) ସ୍ଥଳ ବିଶେଷରେ ରେଡ଼ିଓ ଥେରାପି ଓ କେମୋ ଥେରାପି ଦିଆଯାଇଥାଏ ।

## ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତିଷେଧକ ବ୍ୟବସ୍ଥା

- 'ଡାଉନ୍ ଷ୍ଟେଜିଂ ସ୍କ୍ରିନିଂ' ହେଉଛି ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ଦ୍ୱାରା ସ୍ପେକୁଲମ୍ ସାହାଯ୍ୟରେ ଜରାୟୁଗ୍ରୀବା ପରୀକ୍ଷା ଏବଂ ପ୍ରାଥମିକ ପର୍ଯ୍ୟାୟରେ ତା'ର ଚିହ୍ନଟ ଓ ଚିକିତ୍ସା । ଏଥିପାଇଁ ଏକ ପ୍ରତିଷେଧକ ଟିକା ମଧ୍ୟ ବାହାରିଲାଣି ।
- ଏଚ୍.ପି.ଭି. ଭେକ୍ସିନ୍ ବା ଟିକା : ୧୨-୧୮ ବର୍ଷ ବା'୧୬-୨୫ ବର୍ଷ ଭିତରେ ମହିଳାମାନଙ୍କୁ ଏଚ୍.ପି.ଭି. ଟିକା ଦିଆଯାଇଥାଏ । ଏହି ଟିକା ଖୁବ୍ ଉପକାରୀ । ଯେଉଁଠି ବାଇଭେଲେଣ୍ଟ ଟିକା (ଏଚ୍.ପି.ଭି. ଟାଇପ୍ ୧୬ ଟାଇପ୍ ୧୮) ଏବଂ କ୍ୱାଡ୍ରିରଭେଲେଣ୍ଟ ଭାକ୍ସିନ୍ ଯାହା ଏଚ୍.ପି.ଭି. ଟାଇପ୍ ୧୬, ୧୮, ୪ ଓ ୧୧ ବିରୁଦ୍ଧରେ କାମ କରିଥାଏ । ଏହା ଶତକଡ଼ା ୯୦ ଭାଗ ଜରାୟୁଗ୍ରୀବା କର୍କଟକୁ ପ୍ରତିରୋଧ କରିଥାଏ । ତେବେ ଏହି ଟିକା ମଧ୍ୟ ଏଚ୍. ପି. ଭି. ଟାଇପ୍ ୩୧, ୩୩ ଓ ୪୫ ରୁ ରକ୍ଷା କରିଥାଏ । ଏହା ୯ ରୁ ୧୩ ବର୍ଷର ଝିଅମାନଙ୍କୁ ସ୍କୁଲରେ ଦିଆଯାଇପାରିବ ।
- ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଗାଇଡ୍ ଲାଇନ୍ ଅନୁଯାୟୀ ୧୫ ବର୍ଷରୁ କମ୍ ବୟସର ଝିଅମାନଙ୍କୁ ଟିକା ୦, ୬ ମାସରେ ଦେବା ଉଚିତ ଏବଂ ୧୫ ବର୍ଷରୁ ଉର୍ଦ୍ଧ୍ୱ ବୟସରେ ୩ ଟି ଡୋଜ୍ (୦, ୧-୨, ୩ ମାସ) ଭିତରେ ଦିଆଯାଇ ଥାଏ ।
- ଡିମ୍ବକୋଷର କର୍କଟ ରୋଗ ସ୍ତ୍ରୀ କର୍କଟ ରୋଗର ଶତକଡ଼ା ୧୫ରୁ ୨୦ ଭାଗ ହେଉଛି ଡିମ୍ବକୋଷର କର୍କଟ ରୋଗ ।



## ଲକ୍ଷଣ

- ଏଥିରେ ଜଣଜଣଙ୍କର ପେଟ ଫୁଲିଯାଏ ।
- ବଦହଜମୀ ବା ଅଜୀର୍ଣ୍ଣତା ସହ ହାକୁଟି ହୋଇଥାଏ ।
- ଭୋକ ହୁଏ ନାହିଁ, ଖାଇବାକୁ ଇଚ୍ଛା ହୁଏ ନାହିଁ ।
- ଯଦି ଆଗରୁ ଡିମ୍ବକୋଷର ଅର୍ବୁଦ ଥାଏ, ସେଗୁଡ଼ିକ ଆକାରରେ ବଢ଼ି ଯାଏ ଓ କଷ୍ଟ ହୁଏ,. ବେଳେବେଳେ ଅର୍ବୁଦଟି ଖୁବ୍ ଶୀଘ୍ର ଶୀଘ୍ର ବଢ଼ି ଯାଏ ।
- ତଳି ପେଟରେ କଷ୍ଟ ହୁଏ ।
- ହଠାତ୍ ଓଜନ କମିଯାଏ ।
- ଛାତିରେ ଯନ୍ତ୍ରଣା ହୁଏ ତଥା ନିଃଶ୍ୱାସ ନେବାରେ କଷ୍ଟ ହୁଏ ।
- ଋତୁସ୍ରାବରେ ଅନିୟମତା ଦେଖାଦିଏ ।



## କାରଣ


ଡିମ୍ବକୋଷର କର୍କଟ ରୋଗ ବଂଶାନୁଗତ । ବଂଶାନୁଗତ ଡିମ୍ବକୋଷ କର୍କଟ ରୋଗରେ ଲିଂଚ୍ ଟାଇପ୍ ୧ ଓ ଲିଞ୍ଚ ଟାଇପ୍ ୨ ଜିନ୍ ଥାଏ ଏବଂ ଏହାଛଡ଼ା ଯେଉଁ ମହିଳାମାନଙ୍କର ବି.ଆର୍.ସ.ଏ.ଜିନ୍ ଥାଏ, ସେମାନଙ୍କର ସ୍ତନ ଓ ଡିମ୍ବକୋଷ କର୍କଟ ରୋଗ ହୁଏ । ଗର୍ଭଧାରଣ ନ ହୋଇ ପ୍ରତିମାସରେ ମାସିକ ଋତୁସ୍ରାବ ହୋଇ ଓଭ୍ୟୁଲେସନ୍ ହେଲେ ଏହା ଡିମ୍ବକୋଷ କର୍କଟ ରୋଗ ହେବାରେ ସାହାଯ୍ୟ କରିଥାଏ ।

କେତେକ କ୍ଷେତ୍ରରେ ଏହି କର୍କଟ ରୋଗ ଶରୀରର ଅନ୍ୟାନ୍ୟ ଅଙ୍ଗରୁ ଆସିଥାଏ । ମୁଖ୍ୟତଃ ଏହା ପାକସ୍ଥଳୀ, ଅନ୍ତଃନଳୀ, ପିତ୍ତକୋଷ, ସ୍ତନ ବା ଜରାୟୁ ଝିଲ୍ଲୀ କର୍କଟ ରୋଗରୁ ମାଡ଼ି ଆସିଥାଏ । ଏଥିରେ 'କ୍ରୁକେନ ବର୍ଗ ଟ୍ୟୁମର' ଅନ୍ୟତମ ।

## ଷ୍ଟେଜିଂ

ଡିମ୍ବକୋଷର କର୍କଟ ରୋଗକୁ ଷ୍ଟେଜିଂ ବା ପର୍ଯ୍ୟାୟଭୁକ୍ତ କରିବା ଅତି ଜରୁରି । ଏହା ଅସ୍ତ୍ରୋପଚାର ପରେ କେମୋଥେରାପି ପାଇଁ ତଥା ଏହାଦ୍ୱାରା ରୋଗୀର ଅବସ୍ଥାର କେତେ ଉନ୍ନତ ଘଟିଲା ତାହା ଜାଣିବା ପାଇଁ ଏହି ଷ୍ଟେଜିଂ କରାଯାଇଥାଏ ।

ଅଲଟ୍ରାସାଉଣ୍ଡ ଛଡ଼ା ଏମ୍.ଆର୍.ଆଇ ବା ସିଟିସ୍କାନ୍ ଦ୍ୱାରା ମଧ୍ୟ ଏହା ଜଣାପଡ଼ିଥାଏ । ଜଣେ ଅଭିଜ୍ଞ ସ୍ତ୍ରୀରୋଗ ବିଶେଷଜ୍ଞ କର୍କଟ ରୋଗ ସନ୍ଦେହ ଓ ଚିହ୍ନଟ କରିପାରେ । ଅସ୍ତ୍ରୋପଚାର ସମୟରେ ଫ୍ରୋଜନ ବାଇଓପ୍ସି ଓ ସ୍ଲାଇଡ୍ ଟେଷ୍ଟ ଦ୍ୱାରା ବିଶେଷଜ୍ଞମାନେ ଏହା ଚିହ୍ନଟ କରିପାରନ୍ତି ।



## ରିସ୍କ ଫେକ୍ଟର

୧. ବୟସ ସୀମା – ବେଶି ବୟସ
୨. ପ୍ରଥମ ଋତୁସ୍ରାବର ବୟସ - ୧୨ ବର୍ଷ ରୁ କମ୍ ହୋଇଥିଲେ
୩. ପ୍ରଥମ ସନ୍ତାନ ଜନ୍ମ ହେବାର ବୟସ - ବିଳମ୍ବରେ ଜନ୍ମ ହେଲେ
୪. ପରିବାରର ଇତିହାସ ଥିଲେ
୫. ମହିଳାଙ୍କର ଋତୁସ୍ରାବର ବିରତି (ମେନୋପଜ୍) ବେଶି ବୟସରେ ହୋଇଥିଲେ
୬. ଆଗରୁ ଡିମ୍ବକୋଷର କର୍କଟ ରୋଗ ହୋଇଥିଲେ ।
୮. ଅତ୍ୟଧିକ ଚର୍ବି ମିଶ୍ରିତ ଖାଦ୍ୟ ଖାଇଲେ ।

## ହର୍ମୋନ୍ ରିପ୍ଲେସମେଣ୍ଟ ଥେରାପି

ମାସିକ ଋତୁସ୍ରାବର ବିରତି ପରେ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍ ହର୍ମୋନ୍ ବ୍ୟବହାର କଲେ ସ୍ତନକର୍କଟ ରୋଗ ହେବାର ଆଶଙ୍କା ଶତକଡ଼ା ୨୬ ପ୍ରତିଶତ ବଢ଼ିଥାଏ ।

## ଲକ୍ଷଣ

ସ୍ତନ କର୍କଟ ରୋଗର ସବୁଠାରୁ ମୁଖ୍ୟ ଲକ୍ଷଣ ହେଉଛି ସ୍ତନରେ ଅର୍ବୁଦ ।

## ଅନ୍ୟାନ୍ୟ ଲକ୍ଷଣ

୧ ସ୍ତନ ବା କାଖରେ ଏକ ନୂତନ ବା ଅସ୍ୱାଭାବିକ ଅର୍ବୁଦ କିମ୍ବା ଲିମ୍ଫନୋଡ୍ ଏନ୍ଲାର୍ଜମେଣ୍ଟ ବା କାଖ ଗୁଲି ବଢ଼ିଯିବା ।
୨ ସ୍ତନର ଆକାର ବା ଆକୃତିରେ ଅସ୍ୱାଭାବିକ ପରିବର୍ତ୍ତନ
୩ ସ୍ତନର ଉପର ଭାଗରେ ଥିବା ଚର୍ମରେ ଗାତ ସୃଷ୍ଟି ହୋଇଯିବା ବା ନାଲି ହୋଇଯିବା ପିଉଡ଼ି 'ଅରେଞ୍ଜ ଆପିଅରେନ୍ସ' ।
୪ ସ୍ତନର ନିପଲ୍ ବା ଭୁଣ୍ଡିରୁ ପାଣି ବା ରକ୍ତ ବାହାରିବା ।
୫ ସ୍ତନଭୁଣ୍ଡି ଭିତର ପଟକୁ ମୋଡ଼ି ହୋଇଯିବା ବା ପଶିଯିବା 'ରିଟ୍ରାକ୍ଟେଡ୍ ନିପଲ୍'
୬ ସ୍ତନରେ କଷ୍ଟ ହେବା ।



## ଚିକିତ୍ସା

ଅସ୍ତ୍ରୋପଚାର ଦ୍ୱାରା ଜରାୟୁ ଓ ଡିମ୍ବାଶୟ ବାହାର କରି କେମୋଥେରାପି ଦେବା ଉଚିତ୍ । କେତୋଟି ଜାଣିବା କଥା:

ପ୍ରତି ତିନି ମିନିଟ୍‌ରେ ଜଣେ ଲେଖାଁଏ ମହିଳାଙ୍କର ସ୍ତନ କର୍କଟ ରୋଗ ଚିହ୍ନଟ ହୋଇଥାଏ । ସେହିପରି ୧୩ ମିନିଟ୍‌ରେ ଜଣେ ମହିଳା ସ୍ତନ କର୍କଟ ରୋଗରେ ମୃତ୍ୟୁମୁଖରେ ପଡ଼ିଥାନ୍ତି, ସଂପୂର୍ଣ୍ଣ ଜୀବନ କାଳ ମଧ୍ୟରେ ୮ ଜଣ ମହିଳା ମଧ୍ୟରୁ ଅନ୍ତତଃ ଗୋଟିଏ ମହିଳା ସ୍ତନ କର୍କଟ ରୋଗରେ ପୀଡ଼ିତ ହେବାର ଆଶଙ୍କା ଥାଏ । ସ୍ତନ କର୍କଟ ରୋଗ ଗୋଟିଏ ସ୍ତନ ମଧ୍ୟରେ ସୀମିତ ଥିଲେ, ଏବଂ ଯେଉଁ ମହିଳାମାନଙ୍କର ପ୍ରାଥମିକ ପର୍ଯ୍ୟାୟରେ ସ୍ତନ କର୍କଟ ରୋଗର ଚିହ୍ନଟ ହୋଇପାରିଥାଏ, ସେମାନେ ୫ ବର୍ଷଠାରୁ ବେଶି ସମୟ ବଞ୍ଚନ୍ତି ।

## ସ୍ତନ କର୍କଟ ରୋଗର ଚିହ୍ନଟ


ମହିଳାମାନେ ନିଜ ହାତରେ ନିଜ ସ୍ତନର ପରୀକ୍ଷା କରିବା ଦ୍ୱାରା ଏହି ମାରାତ୍ମକ ରୋଗରୁ ରକ୍ଷା ଯାଇପାରିବେ । ଡାକ୍ତରଙ୍କ ଦ୍ୱରା ସ୍ତନ ପରୀକ୍ଷା, ଫାଇନ୍ନିଡ଼ଲ୍ ଆସ୍ପିରେସନ୍ ସାଇଟୋଲୋଜି, ସ୍ତନର ଅଲ୍‌ଟ୍ରାସାଉଣ୍ଡ ଓ ମାମୋଗ୍ରାଫି ଦ୍ୱାରା ସ୍କ୍ରିନିଂ କଲେ ଏହି ରୋଗ ଚିହ୍ନଟ ହୋଇପାରିବ ।

ସ୍ତନ କର୍କଟ ରୋଗର ଷ୍ଟେଜିଂ ଓ ବିସ୍ତାରକୁ ନେଇ ଅସ୍ତ୍ରୋପଚାର କରାଯାଏ । ଲମ୍ପେକ୍ଟୋମି ବା ସଂପୂର୍ଣ୍ଣ ସ୍ତନର ଅପସାରଣ (ରାଡ଼ିକାଲ୍ ମାଷ୍ଟେକ୍ଟୋମି) କରି, ପରେ କେମୋଥେରାପି ଦିଆଯାଏ । ଏଥିରେ ମଧ୍ୟ ବହୁବର୍ଷ ଧରି ରୋଗୀମାନେ ଆରୋଗ୍ୟ ହୁଅନ୍ତି । ତେଣୁ କର୍କଟ ରୋଗର ସଚେତନତା, ପ୍ରତିଷେଧକ ବ୍ୟବସ୍ଥା, ପ୍ରାଥମିକ ସ୍ତରରୁ ଚିହ୍ନଟ ଓ ଶୀଘ୍ର ଚିକିତ୍ସା ହିଁ ଏହି ଦୁରାରୋଗ୍ୟ ବ୍ୟାଧିରୁ ରକ୍ଷା କରିପାରିବ ।

ମହିଳାମାନଙ୍କର ଅନ୍ୟ ସ୍ଥାନରେ ମଧ୍ୟ କର୍କଟ ରୋଗ ହୋଇଥାଏ । ପ୍ରାଥମିକ ସ୍ତରରୁ ଏଥିପାଇଁ ସଚେତନ ହେଲେ ଅନେକ ଗୁଡିଏ ରୋଗକୁ ପ୍ରତିହତ କରାଯାଇ ପାରେ ।



ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ
ଲିଙ୍କ୍ ରୋଡ୍, କଟକ – ୧୨, ମୋ: ୯୪୩୭୦୫-୫୦୦୭





# ଶୈଶବ କର୍କଟ

## ଚିକିତ୍ସା ପଦ୍ଧତି

ବିଶେଷକରି ଲ୍ୟୁକେମିଆ ଏବଂ ଲିମ୍ଫୋମା ପାଇଁ କେମୋଥେରାପି ବ୍ୟବହୃତ ହୁଏ। କଠିନ ଟ୍ୟୁମର୍ ପାଇଁ ଅସ୍ତ୍ରୋପଚାର ବ୍ୟବହୃତ ହୁଏ। ଯଦି ଅସ୍ତ୍ରୋପଚାର ଦ୍ୱାରା ଟ୍ୟୁମରକୁ ସମ୍ପୂର୍ଣ୍ଣ ଭାବରେ ବାହାର କରାଯାଇପାରିବ ନାହିଁ, ତେବେ ସେମାନଙ୍କ କ୍ଷେତ୍ରରେ ରେଡିଓ ଥେରାପି ଦିଆଯାଏ। କିଛି କର୍କଟ ପୀଡ଼ିତଙ୍କ କ୍ଷେତ୍ରରେ ଟାର୍ଗେଟେଡ୍ ଥେରାପି, ଇମ୍ୟୁନୋଥେରାପି ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ବା ବୋନ୍ ମେରୋ ଟ୍ରାନ୍ସପ୍ଲାଣ୍ଟ ବ୍ୟବହାର କରାଯାଇପାରେ। ପ୍ରାୟତଃ, ଏକରୁ ଅଧିକ ଚିକିତ୍ସା ପଦ୍ଧତି ମିଳିତ ଭାବରେ କରାଯାଇଥାଏ।

## କର୍କଟ ରୋଗର କାରଣ

ଅଧିକାଂଶ ଶୈଶବ କର୍କଟ ଅନିୟମିତ ଜିନ୍ ପରିବର୍ତ୍ତନ ଦ୍ୱାରା ହୋଇଥାଏ ଯାହା ଅଭିବୃଦ୍ଧି ସମୟରେ ଘଟେ। ଏହି ପରିବର୍ତ୍ତନଗୁଡ଼ିକ ବଂଶଜ ନୁହେଁ ଏବଂ ଜୀବନଶୈଳୀ, ଖାଦ୍ୟ କିମ୍ବା ଲାଳନ ପାଳନ ସହ ଜଡ଼ିତ ନୁହେଁ। କେତେକ କର୍କଟ ରୋଗ ଜନ୍ମ ସମୟରେ ଉପସ୍ଥିତ ଜେନେଟିକ୍ ଅବସ୍ଥା ସହିତ ଜଡ଼ିତ। ଅଧିକାଂଶ କ୍ଷେତ୍ରରେ, ପ୍ରକୃତ କାରଣ ଅଜ୍ଞାତ ରହିଥାଏ। ତେବେ ପିଲାମାନଙ୍କଠାରେ ଦେଖାଯାଉଥିବା ସବୁଠାରୁ ସାଧାରଣ କର୍କଟ ହେଉଛି ଲ୍ୟୁକେମିଆ। ଏହା ପରେ ମସ୍ତିଷ୍କ ଟ୍ୟୁମର, ଲିମ୍ଫୋମା ଏବଂ ଅସ୍ଥି କର୍କଟ।

ଲ୍ୟୁକେମିଆ (ରକ୍ତ କର୍କଟ) ହେଉଛି ସବୁଠାରୁ ସାଧାରଣ ଶିଶୁ କର୍କଟ। ମସ୍ତିଷ୍କ ଏବଂ କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀ ଟ୍ୟୁମର ଦ୍ୱିତୀୟ ସାଧାରଣ ଅଟେ। ଅନ୍ୟାନ୍ୟ କର୍କଟ ମଧ୍ୟରେ ନ୍ୟୁରୋବ୍ଲାଷ୍ଟୋମା, ଲିମ୍ଫୋମା, ୱିଲମ୍ସ ଟ୍ୟୁମର (ବୃକକ୍ କର୍କଟ), ରାବଡୋମାୟୋସାର୍କୋମା (ମାଂସପେଶୀ କର୍କଟ), ରେଟିନୋବ୍ଲାଷ୍ଟୋମା (ଚକ୍ଷୁ କର୍କଟ), ଏବଂ ଅଷ୍ଟିଓସାର୍କୋମା ଏବଂ ଇୱିଙ୍ଗ ସାର୍କୋମା ପରି ଅସ୍ଥି କର୍କଟ ଅନ୍ତର୍ଭୁକ୍ତ। ଏହି କର୍କଟରେ ପୀଡ଼ିତ ପିଲାଙ୍କ କ୍ଷେତ୍ରରେ ଅତ୍ୟଧିକ ଓଜନ ହ୍ରାସ, କ୍ରମାଗତ ଜ୍ୱର, ଶେଥା ଚର୍ମ, ବାରମ୍ବାର ଘା' କିମ୍ବା ରକ୍ତସ୍ରାବ ଏବଂ ଯନ୍ତ୍ରଣାହୀନ ଗଣ୍ଠି ବା ଫୁଲା, ଅସ୍ଥି କିମ୍ବା ଗଣ୍ଠି ଯନ୍ତ୍ରଣା, ବାରମ୍ବାର ସଂକ୍ରମଣ, କ୍ରମାଗତ ଥକ୍କାପଣ, ସକାଳର ବାନ୍ତି ସହିତ ମୁଣ୍ଡବିନ୍ଧା, ଦୃଷ୍ଟି ପରିବର୍ତ୍ତନ ଏବଂ ପେଟ ଫୁଲା କିମ୍ବା ଯନ୍ତ୍ରଣା ଆଦି ଲକ୍ଷଣ ଦେଖିବାକୁ ମିଳେ। ଯଦି କୌଣସି ଶିଶୁଠାରେ ଉପରୋକ୍ତ ଲକ୍ଷଣ ମଧ୍ୟରୁ କିଛି ଲକ୍ଷଣ ପ୍ରକାଶ ପାଏ ତଥା ଲକ୍ଷଣ ଲାଗି ରହୁଥିଲେ ବିଳମ୍ବ ନ କରି ପିତାମାତାମାନେ ଶିଶୁରୋଗ ବିଶେଷଜ୍ଞଙ୍କ ନିକଟକୁ ଯିବା ଉଚିତ। ଉକ୍ତ ଲକ୍ଷଣ ଆପେ ଆପେ ଠିକ୍ ହେବା ପର୍ଯ୍ୟନ୍ତ ଅପେକ୍ଷା ନ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ଉଚିତ୍। ଡାକ୍ତରୀ ସହାୟତା ନେବା ନିହାତି ଆବଶ୍ୟକ। ଯେତେବେଳେ କର୍କଟ ସନ୍ଦେହ କରାଯାଏ, ପିତାମାତା ଏକ ସ୍ୱତନ୍ତ୍ର ଶିଶୁ ଅଙ୍କୋଲୋଜି କେନ୍ଦ୍ର ପରିଦର୍ଶନ କରିବା ଉଚିତ୍, ଯେଉଁଠାରେ ତାଲିମପ୍ରାପ୍ତ ଡାକ୍ତର, ନିରାକରଣ ଓ ଚିକିତ୍ସା ପାଇଁ ଉପଯୁକ୍ତ ସୁବିଧା ଉପଲବ୍ଧ।



ପ୍ରଫେସର ଡା. ସରୋଜ ପଣ୍ଡା

**କର୍କଟ ରୋଗ ସାଧାରଣତଃ ବୟସ୍କଙ୍କ ସହିତ ଅଧିକ ଜଡ଼ିତ। ହେଲେ ଚିନ୍ତାର ବିଷୟ ଭାରତରେ ଶୈଶବ କର୍କଟ ସମସ୍ତ କର୍କଟ ରୋଗ ମାମଲାର ପ୍ରାୟ ୮% ହୋଇଥାଏ। ପ୍ରତିବର୍ଷ ପ୍ରାୟ ୭୫,୦୦୦ ନୂତନ ମାମଲା ଦେଖାଯାଏ। ତେବେ ପିଲାମାନଙ୍କୁ ବିଭିନ୍ନ ପ୍ରକାର କର୍କଟ ଆକ୍ରାନ୍ତ କରୁଥିବାବେଳେ ସମସ୍ତ କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।**

## ଚିକିତ୍ସାର ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା

ପାର୍ଶ୍ୱ ପ୍ରତିକ୍ରିୟା ଚିକିତ୍ସାର ପ୍ରକାର ଏବଂ ଶିଶୁ ଉପରେ ନିର୍ଭର କରେ। ସାଧାରଣ ପ୍ରଭାବରେ ଥକ୍କାପଣ, କେଶ ଝଡ଼ିବା, ବାନ୍ତି ଲାଗିବା, ବାନ୍ତି ଏବଂ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଇଥାଏ। ଅଧିକାଂଶ ପାର୍ଶ୍ୱ ପ୍ରତିକ୍ରିୟା ଅସ୍ଥାୟୀ ଏବଂ ଏହାକୁ ନିୟନ୍ତ୍ରଣ କରିହୁଏ, ଏବଂ ଡାକ୍ତରୀ ଦଳ ଦୀର୍ଘକାଳୀନ ସମସ୍ୟାକୁ ହ୍ରାସ କରିବା ପାଇଁ ପିଲାମାନଙ୍କୁ ନିରୀକ୍ଷଣ କରନ୍ତି।

## ଚିକିତ୍ସା ସମୟରେ ଖାଦ୍ୟପେୟ

ପିଲାମାନେ ଫଳ, ପନିପରିବା, ଶସ୍ୟ, ପ୍ରୋଟିନ୍ ଏବଂ ଦୁଗ୍ଧଜାତ ଦ୍ରବ୍ୟ ସହିତ ଏକ ସନ୍ତୁଳିତ ଆହାର ଗ୍ରହଣ କରିବା ଉଚିତ୍। ଅଳ୍ପ, ବାରମ୍ବାର ଭୋଜନ ଭୋକ ନ ଲାଗିବା କ୍ଷେତ୍ରରେ ସାହାଯ୍ୟ କରିପାରେ ଏବଂ ପର୍ଯ୍ୟାପ୍ତ ତରଳ ପଦାର୍ଥ ସେବନ କରିବା ଗୁରୁତ୍ୱପୂର୍ଣ୍ଣ। କଞ୍ଚା କିମ୍ବା କମ୍ ରନ୍ଧା ଖାଦ୍ୟ ଖାଇବାରୁ ଦୂରେଇ ରହିବା ଉଚିତ୍। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଉତ୍ତମ ସ୍ୱଚ୍ଛତା, ପର୍ଯ୍ୟାପ୍ତ ବିଶ୍ରାମ ଏବଂ ହାଲୁକା ଶାରୀରିକ କାର୍ଯ୍ୟକଳାପ

## ପିତାମାତା କଣ କରିବା ଉଚିତ

ପିତାମାତାମାନେ ଡାକ୍ତରଖାନା ପରିଦର୍ଶନ କିମ୍ବା ଶୀଘ୍ର ଚିକିତ୍ସା ବନ୍ଦ କରିବା ଉଚିତ ନୁହେଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ, ଭିଟାମିନ୍ କିମ୍ବା ହର୍ବାଲ୍ ଉତ୍ପାଦ ଦେବା ଉଚିତ ନୁହେଁ। କମ୍ ରୋଗ ପ୍ରତିରୋଧକ ଶକ୍ତି ହେତୁ ପିଲାମାନଙ୍କୁ ଭିଡ଼ ଏବଂ ଅସୁସ୍ଥ ଲୋକଙ୍କଠାରୁ ଦୂରେଇ ରଖିବା ଆବଶ୍ୟକ। ଯେକୌଣସି ଜ୍ୱରକୁ ଜରୁରିକାଳୀନ ପରିସ୍ଥିତି ଭାବରେ ଚିକିତ୍ସା କରାଯିବା ଉଚିତ।



## ଆରୋଗ୍ୟରୁ ସକ୍ରିୟ ଜୀବନ

ଆରୋଗ୍ୟ ହାର କର୍କଟ ପ୍ରକାର, ପର୍ଯ୍ୟାୟ ଏବଂ ଚିକିତ୍ସାର ପ୍ରତିକ୍ରିୟା ଉପରେ ନିର୍ଭର କରେ। କେତେକ କର୍କଟ ଯେପରିକି ଲ୍ୟୁକେମିଆ ଏବଂ ୱିଲମ୍ସ ଟ୍ୟୁମରର ଆରୋଗ୍ୟ ହାର ୮୫–୯୦% ଅଟେ। ମୋଟାମୋଟି ଭାବରେ, କର୍କଟ ରୋଗରେ ପୀଡ଼ିତ ପ୍ରାୟ ୮୦% ଶିଶୁ ବଞ୍ଚି ଯାଆନ୍ତି ଏବଂ ଚିକିତ୍ସାର ଅଗ୍ରଗତି ହେତୁ ଅନେକ ସମ୍ପୂର୍ଣ୍ଣ ସୁସ୍ଥ ମଧ୍ୟ ହୋଇଯାଆନ୍ତି। କେବଳ ସେତିକି ନୁହେଁ, ଅନେକ ପିଲା ଚିକିତ୍ସା ପରେ ସାଧାରଣ ଏବଂ ସକ୍ରିୟ ଜୀବନକୁ ଫେରି ଆସନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ସମୟ ଲାଗିଥାଏ। ତେବେ ନିୟମିତ ଡାକ୍ତରୀ ପରାମର୍ଶ ଗୁରୁତ୍ୱପୂର୍ଣ୍ଣ। କିଛି ପିଲାଙ୍କର ଦୀର୍ଘକାଳୀନ ପ୍ରଭାବ ଥିବାବେଳେ, ଅଧିକାଂଶ ଉପଯୁକ୍ତ ଯତ୍ନ ଏବଂ ସହଯୋଗ ସହିତ ସୁସ୍ଥ ଏବଂ ପରିପୂର୍ଣ୍ଣ ଜୀବନଯାପନ କରନ୍ତି।

ଅଧିକାଂଶ ଶୈଶବ କର୍କଟ ରୋଗକୁ ରୋକାଯାଇପାରିବ ନାହିଁ। କାରଣ ସେଗୁଡ଼ିକ ଜୀବନଶୈଳୀ କାରଣରୁ ହୋଇନଥାଏ। ଗର୍ଭାବସ୍ଥାରେ ଅନାବଶ୍ୟକ ବିକିରଣ ସଂସ୍ପର୍ଶରେ ଆସିବାକୁ ଏଡ଼ାଇବା ଦ୍ୱାରା ବିପଦ ହ୍ରାସ ହୋଇପାରେ। ଶୀଘ୍ର ଚିହ୍ନଟ ଏବଂ ଠିକ୍ ସମୟରେ ଚିକିତ୍ସା ଉପଶମର ସର୍ବୋତ୍ତମ ସୁଯୋଗ ପ୍ରଦାନ କରେ। ■

ଶିଶୁ ଅଙ୍କୋଲୋଜି ବିଭାଗ, ଇନଚାର୍ଜ
ସମ୍ ହସ୍ପିଟାଲ୍, ଭୁବନେଶ୍ୱର



# ପୁରୁଷଙ୍କୁ କର୍କଟ ଭୟ



ଡା. ବିକାଶ ରଞ୍ଜନ ମହାପାତ୍ର

**କ୍ୟାନ୍ସର ବା କର୍କଟ ରୋଗ ହେଉଛି ଅନିୟନ୍ତ୍ରିତ ଏବଂ ଅତ୍ୟଧିକ ମାତ୍ରାରେ କୋଷର ବିଭାଜନ। ଯାହା ଗୋଟିଏ ଅଙ୍ଗରୁ ଅନ୍ୟ ଅଙ୍ଗକୁ ଅକ୍ଳେଶରେ ସଂକ୍ରମଣ କରିପାରେ। ପୁରୁଷ ଏବଂ ମହିଳାମାନଙ୍କୁ ଭିନ୍ନ ଭିନ୍ନ କର୍କଟ ହୋଇଥାଏ। କିଛି କର୍କଟ କେବଳ ପୁରୁଷଙ୍କଠାରେ ଅଧିକ ଦେଖାଯାଏ। ପୁରୁଷଙ୍କଠାରେ ଦେଖାଯାଉଥିବା କର୍କଟ ପୁରୁଷଙ୍କ ଶାରୀରିକ ଗଠନ ଉପରେ ନିର୍ଭର କରେ। ପୁରୁଷ କର୍କଟ ମଧ୍ୟରୁ ପ୍ରୋଷ୍ଟେଟ୍ କର୍କଟ, ଅଣ୍ଡକୋଷ କ୍ୟାନ୍ସର, ପୁରୁଷ ଯୌନାଙ୍ଗ କ୍ୟାନ୍ସର, ପୁରୁଷ ସ୍ତନ କର୍କଟ ଆଦି ଅନ୍ୟତମ। କେତୋଟି ପୁରୁଷ କର୍କଟ ରୋଗର କାରଣ ଓ ନିରାକରଣକୁ ନେଇ ଏହି ଉପସ୍ଥାପନା।**

## ପ୍ରୋଷ୍ଟେଟ୍ କର୍କଟ



ପ୍ରୋଷ୍ଟେଟ୍ କର୍କଟ ସାଧାରଣତଃ ବୟସ୍କ ଲୋକଙ୍କ କ୍ଷେତ୍ରରେ ଅଧିକ ଦେଖାଯାଏ। ଏହି କର୍କଟର ମୁଖ୍ୟ ଲକ୍ଷଣ ହେଉଛି ପରିସ୍ରା ଠିକ୍ ସେ ନହେବା, ପରିସ୍ରାର ଧାର ରହି ରହି ହେବା ଏବଂ ହାଡ଼ରେ ଯନ୍ତ୍ରଣା ହେବା, ରକ୍ତରେ ପିଏସ୍ଏ ଟେଷ୍ଟ କଲେ ଏହା ହେଉଛି କି ନାହିଁ ଜଣାପଡ଼ିଥାଏ। ରୋଗ ଜାଣିବା ପରେ ରୋଗ ସ୍ତର ବା ଷ୍ଟେଜ୍ ଅନୁସାରେ ଚିକିତ୍ସା କରାଯାଏ। ଏହାର ମୁଖ୍ୟ ଚିକିତ୍ସା ହେଉଛି ବିକିରଣ ଏବଂ ହରମୋନ୍ ଚିକିତ୍ସା।

## ଅଣ୍ଡକୋଷ କର୍କଟ

ବିଭିନ୍ନ କର୍କଟ ମଧ୍ୟରୁ ପୁରୁଷ ଅଣ୍ଡକୋଷରେ କର୍କଟ ତଥା ଟେଷ୍ଟିକୁଲାର କ୍ୟାନ୍ସର ସାଧାରଣତଃ ବିରଳ। ଅଣ୍ଡକୋଷ କ୍ୟାନ୍ସର ଅପେକ୍ଷାକୃତ ଯୁବକଙ୍କଠାରେ (୨୦ରୁ ୪୦ବର୍ଷ) ଦେଖାଯାଇଥାଏ। ଅଣ୍ଡକୋଷ ପୁରୁଷ ହରମୋନ୍ (ଟେଷ୍ଟୋଷ୍ଟେରନ ଓ ବୀର୍ଯ୍ୟ) କ୍ଷରଣ କରିଥାଏ। ହଠାତ୍ ଅଣ୍ଡକୋଷ କଠିନ ହୋଇ ଫୁଲିଯିବା, ହଠାତ୍ ଫୁଲିବା, ସ୍କ୍ରୋଟମ ଭାରି ଭାରି ଲାଗିବା ଆଦି ଅଣ୍ଡକୋଷ କର୍କଟର କାରଣ। ବହୁତ ସମୟରେ ଅଣ୍ଡକୋଷରେ ଗେଟା ବାହାରିବା ଭଳି ଦେଖାଯାଏ। ଯାହାକି ଯନ୍ତ୍ରଣାମୁକ୍ତ



ଥାଏ। ବେଳେବେଳେ ଏହି କର୍କଟ ତୃତୀୟ କିମ୍ବା ଚତୁର୍ଥସ୍ତରରେ ହୋଇଥିଲେ ଅଣ୍ଟା ହାଡ଼ବିନ୍ଧା ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁ ଶିଶୁମାନଙ୍କର ଜନ୍ମରୁ ଅଣ୍ଡକୋଷ ପେଟ ଭିତରେ "କ୍ରିପ୍ଟୋ ଅର୍କାଇଡିଜିମ୍' ରହିଯାଇଥାଏ ସେମାନଙ୍କ କ୍ଷେତ୍ରରେ ଏହି କର୍କଟ ହେବାର ଆଶଙ୍କା ଅଧିକ ରହିଛି। ତେଣୁ ଜନ୍ମ ପରେ ଅଣ୍ଡକୋଷ ଖାଲି ଲାଗୁଥିଲେ କି ପେଟ ଭିତରେ ରହିଯାଉଥିବା ଦେଖୁଥିଲେ ଡାକ୍ତରଙ୍କ ପରାମର୍ଶ ନେବା ନିତାନ୍ତ ଜରୁରି। କର୍କଟ ରୋଗର ପ୍ରାଥମିକସ୍ତରରେ ଅଲଟ୍ରାସାଉଣ୍ଡ ଅଧିକ ବିଷଦଭାବେ ଜାଣିବାକୁ ସିଟିସ୍କାନ, ଏମ୍ଆରଆଇ କରାଯାଏ। ରୋଗ ନିରୂପଣ ପରେ ଶଲ୍ୟ ଚିକିତ୍ସା କରାଯାଏ ଏବଂ କେମୋଥେରାପି ମାଧ୍ୟମରେ ଚିକିତ୍ସା କରାଯାଏ। ରୋଗ ଷ୍ଟେଜ୍ ୩ରୁ ୪ରେ ଥିଲେ ବିକିରଣର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ତେବେ ଖୁସିର ବିଷୟ ପ୍ରଥମ ଓ ଦ୍ୱିତୀୟସ୍ତରରେ ସେମିନୋମା ଦ୍ୱାରା ଏହି କର୍କଟ ସଫଳତା ହାତ ୯୦ରୁ ୯୫ ବର୍ଷ ହୋଇଥାଏ। ରୋଗୀ ଦୀର୍ଘ ସମୟ ବଞ୍ଚିପାରନ୍ତି।

## ସ୍ତନ କର୍କଟ



ମହିଳାଙ୍କ ପରି ପୁରୁଷଙ୍କର ମଧ୍ୟ ସ୍ତନ କର୍କଟ ହୋଇଥାଏ। ପୁରୁଷଙ୍କଠାରେ ହେଉଥିବା ସ୍ତନ କର୍କଟ ସାଧାରଣତଃ ଯନ୍ତ୍ରଣାବିହୀନ। ଘା' ପରି ଛାତିରେ ହୋଇଥାଏ। ଷ୍ଟେଜ-୩ରେ ହିଁ ପ୍ରଥମରୁ ହୋଇଥାଏ। କାରଣ ପୁରୁଷଙ୍କଠାରେ ଏ ରୋଗ ହେଲେ ଅତି ଶୀଘ୍ର ଚର୍ମ ଉପରକୁ ବ୍ୟାପି ଯାଏ। ଏ ରୋଗରେ ଅସ୍ତ୍ରୋପଚାର, କେମୋଥେରାପି, ରେଡିଏସନ୍ ଏବଂ ହରମୋନ୍ଥେରାପି ମାଧ୍ୟମରେ ଚିକିତ୍ସା କରାଯାଏ। ଏସବୁ ବ୍ୟତୀତ ବଦଭ୍ୟାସ ଯୋଗୁଁ ଭିନ୍ନ ଭିନ୍ନ କର୍କଟ ପୁରୁଷଙ୍କଠାରେ ଅଧିକ ଦେଖାଯାଏ। ଯେମିତି ମୁଖଗହ୍ୱର କର୍କଟ, ଫୁସ୍ଫୁସ୍ କର୍କଟ, ଗଳା ଏବଂ ବେକ କର୍କଟ ଇତ୍ୟାଦି। ସାଧାରଣତଃ ତମାଖୁ, ପାନ, ବିଡ଼ି, ମଦ୍ୟପାନ ପରି ଖରାପ ଅଭ୍ୟାସ ପାଇଁ ଏସବୁ କ୍ୟାନ୍ସର ହୋଇଥାଏ।

## ଯୌନାଙ୍ଗ କର୍କଟ


ପୁରୁଷଙ୍କ ଯୌନାଙ୍ଗ କ୍ୟାନ୍ସର ହେଲେ ଯୌନାଙ୍ଗରେ ଘା' ବାହାରିଥାଏ। ସମୟ ସମୟରେ ଜଙ୍ଘରେ ବାଗି ପରି ବାହାରିଥାଏ। ଏଚ୍. ପି.ଭି. ଭୂତାଣୁ ପାଇଁ ଏହା ହୋଇଥାଏ। ଏକାଧିକ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଏ ରୋଗର ଅନ୍ୟ ଏକ କାରଣ। ଜଙ୍ଘରେ ହୋଇଥିବା ଘା' ଆଣ୍ଟିବାୟୋଟିକ୍ ବ୍ୟବହାର ପରେ ବି ଶୁଖିନଥାଏ ଏବଂ ଏ ପ୍ରକାର ଘା' ଯନ୍ତ୍ରଣା ଶୂନ୍ୟ ଥାଏ। ରୋଗ ଚିହ୍ନଟ ହେଲା ପରେ ଅସ୍ତ୍ରୋପଚାର ଏବଂ କେମୋଥେରାପି ମାଧ୍ୟମରେ ଚିକିତ୍ସା କରାଯାଏ।

## ମୁଖ ଗହ୍ୱର କର୍କଟ



ଉଭୟ ଯୁବକ ଏବଂ ବୟସ୍କ ବ୍ୟକ୍ତି ମୁଖଗହ୍ୱର କର୍କଟରେ ଆକ୍ରାନ୍ତ ହୁଅନ୍ତି। ବିଶ୍ୱରେ ପ୍ରତିବର୍ଷ ଅଧିକାଂଶ ଲୋକ ମୁଖ ଗହ୍ୱର କର୍କଟରେ ମୃତ୍ୟୁବରଣ କରନ୍ତି। ରୋଗ ଆରମ୍ଭରୁ ଚିହ୍ନଟ କରାଯାଇ ପାରୁନଥିବାରୁ ଚିକିତ୍ସାରେ ଅବହେଳା ହୋଇଥାଏ। ଶେଷ ପର୍ଯ୍ୟାୟରେ ରୋଗ ବିଷୟରେ ଜଣାପଡ଼ିଥାଏ। ମୁଖଗହ୍ୱର କର୍କଟ ପାଟିର ଭିତର ପାଖ, ମାଢ଼ି, ଜିଭରେ ହୋଇପାରେ। ଲମ୍ବା ସମୟ ଧରି ଘା' ହେବା, ଆଣ୍ଟିବାୟୋଟିକ୍ ଖାଇଲେ ବି ଘା' ନ ଶୁଖିବା, ପର ଅବସ୍ଥାରେ ବେକରେ ଗେଟା ହେବା ପରି ଲକ୍ଷଣ ଦେଖାଯାଏ। ଏହାର ମୁଖ୍ୟ କାରଣ ହେଉଛି ତମାଖୁ ସେବନ, ବେଳେ ବେଳେ ଦାନ୍ତ ସହ ଭିଜ ବାରମ୍ବାର ଲାଗି ଲମ୍ବା ସମୟ କ୍ଷତି ରହିଲେ ବି କ୍ୟାନ୍ସର ହୋଇଥାଏ। ମୁଖ ଗହ୍ୱର କର୍କଟର ମୁଖ ଚିକିତ୍ସା ହେଉଛି ଶଲ୍ୟ ଚିକିତ୍ସା। ସର୍ଜରୀ ପରେ ରୋଗର ଷ୍ଟେଜ୍ ଉପରେ ପରବର୍ତ୍ତୀ ଚିକିତ୍ସା ଦରକାର ହୋଇଥାଏ ଯେମିତିକି- ବିକିରଣ ବା ରେଡିଏସନ୍ ଚିକିତ୍ସା।

## ଗଳା କର୍କଟ



ଗଳା କ୍ୟାନ୍ସର ହେଉଛି ଶ୍ୱରପଟିକା ଓସୋଫାଗସ୍, ନାସୋଫାଗୋସ୍ ଭଳି ଜାଗାରେ କର୍କଟ। କ୍ୟାନ୍ସର ବାହାରିଥିବା ଜାଗାର ଉତ୍ପତ୍ତି ଉପରେ ଲକ୍ଷଣ ନିର୍ଭର କରେ। ବେଳବେଳେ ନାକରୁ ରକ୍ତ ବାହାରିବା, ସ୍ୱରର ପରିବର୍ତ୍ତନ ହେବା, ବେକରେ ଗେଟା ହେବା, ଖାଦ୍ୟ ଖାଇବାରେ ଅସୁବିଧା ପରି ବିଭିନ୍ନ ଲକ୍ଷଣ ଦେଖାଯାଇଥାଏ। ଏ ରୋଗର ମୁଖ୍ୟ କାରଣ ହେଉଛି ତମାଖୁ ସବନ। ତା' ଛଡ଼ା ଏଚ୍ପିଭି ଭାଇରସ୍ ପାଇଁ ବି ହୋଇଥାଏ। ଯାହା ଅପ୍ରାକୃତିକ ଯୌନ କ୍ରିୟା ଦ୍ୱାରା ବ୍ୟାପି ଥାଏ। ରୋଗ ନିରୂପଣ ହେଲା ପରେ ରୋଗର ଷ୍ଟେଜ୍ ଅନୁସାରେ ଚିକିତ୍ସା କରାଯାଏ। ଏପରି ସ୍ଥାନରେ କ୍ୟାନ୍ସର ହେଲେ ରେଡିଏସନ୍ର ମୁଖ୍ୟ ଭୂମିକା ଥାଏ।

## ଫୁସ୍ଫୁସ୍ କର୍କଟ



ଫୁସ୍ଫୁସ୍ କର୍କଟର ମୁଖ୍ୟ କାରଣ ବିଡ଼ି, ସିଗାରେଟ୍ ସେବନ ତା' ଛଡ଼ା ବାୟୁ ପ୍ରଦୂଷଣ ପାଇଁ ବି ଏହା ହୋଇଥାଏ। ଧଇଁସଇଁ ହେବା, କାଶରେ ରକ୍ତ ପଡ଼ିବା ଭଳି ଲକ୍ଷଣ ହୋଇଥାଏ। ଫୁସ୍ଫୁସ୍ କର୍କଟ ମସ୍ତିଷ୍କ ଏବଂ ହାଡ଼କୁ ଶୀଘ୍ର ବ୍ୟାପୀ ଯାଏ। ରୋଗ ଚିହ୍ନଟ ହେଲା ପରେ ରୋଗର ତୀବ୍ରତା, ସ୍ତର ଏବଂ ରୋଗୀର ପାଥୋଲୋଜି ରିପୋର୍ଟ ଆଧାରରେ ଚିକିତ୍ସା କରାଯାଏ। ସର୍ଜର, ରେଡିଏସନ୍, କେମୋଥେରାପି ଏବଂ ଟାର୍ଗେଟେଡ୍ ଥେରାପିର ମୁଖ୍ୟ ଭୂମିକା ଥାଏ।

## କର୍କଟର କାରଣ

କର୍କଟ ରୋଗର ଅନେକ କାରଣ ରହିଛି। ବଂଶାନୁଗତ, ପିଜା, ବର୍ଗର, ହାଇ ଫ୍ୟାଟ୍ ଅଲଟ୍ରା ପ୍ରୋସେସ୍ଡ ଖାଦ୍ୟପେୟ ଓ ଜୀବନଶୈଳୀ, ଚିନ୍ତା, ବଂଶାନୁଗତ, ଧୂମପାନ, ମଦ୍ୟପାନ, ତମାଖୁ ସେବନ, ମେଦବହୁଳତା, ପ୍ରଦୂଷଣ କ୍ଷତିକାରକ ରାସାୟନିକ ପେଟ୍ରୋକେମିକାଲ ସମ୍ପର୍କରେ ଆସିବା, ବିଳମ୍ବିତ ରାତିଯାଏଁ ଅନିଦ୍ରା ରହିବା ଆଦି କାରଣରୁ ପୁରୁଷମାନେ ବିଭିନ୍ନ କର୍କଟରେ ଆକ୍ରାନ୍ତ ହୋଇଥାନ୍ତି। କର୍କଟ ବିଭିନ୍ନ ପ୍ରକାରର ରହିଛି। ଯାହାକି ରୋଗର ପର୍ଯ୍ୟାୟକ୍ରମେ ଏହାର ଲକ୍ଷଣ ପ୍ରକାଶ ପାଇଥାଏ।




ଅଧିକାଂଶ ରୋଗର ପ୍ରାଥମିକସ୍ତରକୁ ସାମାନ୍ୟ ରୋଗ ଭାବି ଅବହେଳା କରନ୍ତି। ଫଳରେ ରୋଗ ୩ରୁ ୪ ସ୍ତରରେ ପହଞ୍ଚିଯାଇଥାଏ। ତେଣୁ ବିଳମ୍ବ ନ କରି ପ୍ରାଥମିକ ସ୍ତରରୁ ରୋଗ ଚିହ୍ନଟ କରି ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରିବା ଜରୁରି। ■

କର୍କଟ ରୋଗ ବିଶେଷଜ୍ଞ, ଉତ୍କଳ ହସ୍ପିଟାଲ୍, ଭୁବନେଶ୍ୱର



ପ୍ରଫେସର ଡା. ଚିରଞ୍ଜିନ ଖାଡ଼ଙ୍ଗା



# ଅସାଧ୍ୟ ନୁହେଁ କ୍ୟାନ୍ସର

**କର୍କଟ ବର୍ତ୍ତମାନ ସମୟରେ ସାରା ପୃଥିବୀରେ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭୟ ମନୁଷ୍ୟ ଓ ଚିକିତ୍ସା ବିଜ୍ଞାନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ଭାରତରେ ପ୍ରତିବର୍ଷ ହାରାହାରି ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି । ତଥାପି ଆଧୁନିକ ଚିକିତ୍ସା ବିଜ୍ଞାନର ଉନ୍ନତି ଫଳରେ ଆଜି କ୍ୟାନ୍ସର ଏକ ଅସାଧ ରୋଗ ରହିନାହିଁ । ପ୍ରାରମ୍ଭିକସ୍ତରରୁ ଚିହ୍ନଟ ଓ ସଠିକ୍ ଚିକିତ୍ସା ଦ୍ୱାରା ଅନେକ କ୍ୟାନ୍ସର ରୋଗୀ ଆରୋଗ୍ୟ ଲାଭ କରି ସୁସ୍ଥ ଜୀବନ ଯାପନ କରୁଛନ୍ତି । କର୍କଟ ଏକ ଭୟଙ୍କର ଶବ୍ଦ ହେଲେ ମଧ୍ୟ ଏହା ଆଜି ଆଶାହୀନ ରୋଗ ନୁହେଁ । ଆଧୁନିକ ଚିକିତ୍ସା, ଡାକ୍ତରଙ୍କ ଦକ୍ଷତା ଓ ରୋଗୀଙ୍କ ସକାରାତ୍ମକ ମନୋଭାବ ଦ୍ୱାରା ଅନେକ ଜୀବନ ରକ୍ଷା ପାଇଛି । ସଚେତନତା, ସମୟୋପଯୋଗୀ ଚିକିତ୍ସା ଓ ସମାଜର ସହଯୋଗ ହିଁ କ୍ୟାନସର ସହ ଯୁଦ୍ଧରେ ସର୍ବୋତ୍ତମ ଅସ୍ତ୍ର ।**

କ୍ୟାନ୍ସର ହେଉଛି ଶରୀରର କୋଷଗୁଡ଼ିକର ଅସାମାନ୍ୟ ଓ ଅନିୟନ୍ତ୍ରିତ ବୃଦ୍ଧି । ସାଧାରଣତଃ କୋଷମାନେ ଏକ ନିୟମିତ ପ୍ରକ୍ରିୟାରେ ବୃଦ୍ଧି ଓ ମୃତ୍ୟୁ ବରଣ କରନ୍ତି, କିନ୍ତୁ କ୍ୟାନ୍ସରରେ ଏହି ସନ୍ତୁଳନ ଭଙ୍ଗ ହୋଇଯାଏ । ଫଳସ୍ୱରୂପ ଟ୍ୟୁମର ଗଠିତ ହୁଏ ଓ ଏହା ଶରୀରର ଅନ୍ୟାନ୍ୟ ଅଙ୍ଗକୁ ପ୍ରଭାବିତ କରିପାରେ ।




## ପ୍ରମୁଖ ଚିକିତ୍ସା ପଦ୍ଧତି

କ୍ୟାନ୍ସର ଚିକିତ୍ସା ରୋଗର ପ୍ରକାର, ଷ୍ଟେଜ୍, ରୋଗୀର ବୟସ ଓ ସାଧାରଣ ସ୍ୱାସ୍ଥ୍ୟାବସ୍ଥା ଉପରେ ନିର୍ଭର କରେ । ଆଧୁନିକ ଚିକିତ୍ସାରେ ମୁଖ୍ୟତଃ କିଛି ପଦ୍ଧତି ବ୍ୟବହୃତ ହୁଏ ।

## ସର୍ଜରୀ (ଶଲ୍ୟଚିକିତ୍ସା)

କର୍କଟ ପୀଡ଼ିତଙ୍କ ରୋଗରସ୍ତର ନିର୍ଣ୍ଣୟ ପାଇଁ ସିଟିସ୍କାନ୍, ଏମ୍ଆର୍ଆଇ, ପେଟ୍ସିଟି ଆଦି ପରୀକ୍ଷା କରାଯାଇଥାଏ । ଯଦି ପ୍ରାରମ୍ଭିକ ସ୍ତର (ପ୍ରଥମ କିମ୍ବା ଦ୍ୱିତୀୟ)ରେ ଥାଏ ତେବେ କେବଳ ରୋଗାକ୍ରାନ୍ତ ଅଂଶକୁ ସର୍ଜରୀ କରି ବାହାର କରାଯାଇଥାଏ । ଯଦି ତୃତୀୟସ୍ତରରେ ଥାଏ ବେଳେ ବେଳେ ସମ୍ପୂର୍ଣ୍ଣ ଅଙ୍ଗକୁ ବାହାର କରିବା ଆବଶ୍ୟକ ପଡ଼ିଥାଏ । ସ୍ତନ କର୍କଟ, ମୁଖଗହ୍ୱର କର୍କଟ,ଅନ୍ତନଳୀ ବା ଖାଦ୍ୟନଳୀ କର୍କଟ ଇତ୍ୟାଦିରେ ସର୍ଜରୀ ଅତ୍ୟନ୍ତ ପ୍ରଭାବଶାଳୀ ।
ସର୍ଜରୀ ବିଭିନ୍ନ ପ୍ରକାରର ରହିଛି, ଯଥା- ଓପନ ସର୍ଜରୀ ଏହା ପାରମ୍ପରିକ ସର୍ଜରୀ । ଏହା ପରେ ଲାପ୍ରୋସ୍କୋପିକ୍ ସର୍ଜରୀ ଏକ ଅତ୍ୟାଧୁନିକ ସର୍ଜରୀ । ଏହି ସର୍ଜରୀରେ ପୀଡ଼ିତଙ୍କ ଶରୀରରେ ସୂକ୍ଷ୍ମ କଣା କରି ରୋଗାକାନ୍ତ ଅଂଶକୁ ବାହାର କରାଯାଏ । ରୋଗୀଙ୍କୁ ହସପିଟାଲରେ ଦୀର୍ଘ ଦିନ ରହିବାକୁ ପଡ଼େ ନାହିଁ ।

## ରୋବୋଟିକ୍ ସର୍ଜରୀ

ଅଧୁନା ରୋବୋଟିକ୍ ସର୍ଜରୀ କର୍କଟ ପୀଡ଼ିତଙ୍କ ଜୀବନ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି । ଏହି ସର୍ଜରୀରେ ଅତି ସୂକ୍ଷ୍ମ ଭାବରେ ରୋଗାକ୍ରାନ୍ତ ଅଂଶକୁ ବାହାର କରାଯାଇପାରେ । ଏଥିରେ ଖୁବ୍ କମ୍ ପାର୍ଶ୍ୱପ୍ରତିକ୍ରିୟା ହୁଏ । ସର୍ଜରୀ ପରେ ହେଉଥିବା ଶାରୀରିକ ଜଟିଳତା (ଅତ୍ୟଧିକ ରକ୍ତ କ୍ଷରଣ, ଦରଜ) ହେବା ଆଦି କମ୍ ହୋଇଥାଏ ।
ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସର୍ଜରୀ ପରି କର୍କଟ ଆରୋଗ୍ୟ ପାଇଁ ବିଭିନ୍ନ ପ୍ରକାର ଥେରାପି ମଧ୍ୟ ରହିଛି ।

## କେମୋଥେରାପି

କେମୋଥେରାପିରେ ବିଶେଷ ଔଷଧ ବ୍ୟବହାର କରି କ୍ୟାନ୍ସର କୋଷଗୁଡ଼ିକକୁ ନଷ୍ଟ କରାଯାଏ । ସେମାନଙ୍କ ବୃଦ୍ଧିକୁ ରୋକା ଯାଏ । ଏହି ଔଷଧ ରକ୍ତ ମାଧ୍ୟମରେ ସାରା ଶରୀରରେ ପ୍ରବେଶ କରି କ୍ୟାନ୍ସର କୋଷକୁ ଧ୍ୱଂସ କରେ । କେମୋଥେରାପି ଏକାକୀ କିମ୍ବା ସର୍ଜରୀ ଓ ରେଡିଏସନ୍ ଥେରାପି ସହିତ ମିଶି ଦିଆଯାଇପାରେ । ଯଦିଓ କେମୋଥେରାପି ସମୟରେ କେଶ ଝଡ଼ିବା, ବାନ୍ତି, ଦୁର୍ବଳତା ଭଳି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ, ତଥାପି ଏହା ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ । ବେଳେ ବେଳେ ସର୍ଜରୀ ପୂର୍ବରୁ ଟ୍ୟୁମରକୁ ଛୋଟ କରିବା ପାଇଁ, ଆଉ କେବେ ସର୍ଜରୀ ପରେ ବାକି ଥିବା କ୍ୟାନ୍ସର କୋଷକୁ ନଷ୍ଟ କରିବା ପାଇଁ ଏହା ବ୍ୟବହୃତ ହୁଏ । କେମୋ ଥେରାପିର କିଛି ପାର୍ଶ୍ୱ ପ୍ରଭାବ ମଧ୍ୟ ରହିଛି । କେଶ ଝଡ଼ିବା, ବାନ୍ତି ହେବା, ଭୋକ କମିଯିବା, ଦୁର୍ବଳତା ଓ ରୋଗ ପ୍ରତିରୋଧ କ୍ଷମତା କମିଯିବା ଭଳି ସମସ୍ୟା ଦେଖା ଦେଇପାରେ । ତଥାପି ଆଧୁନିକ ଚିକିତ୍ସା ବିଜ୍ଞାନରେ ଏହି ପ୍ରଭାବକୁ କମାଇବା ପାଇଁ ନୂତନ ଔଷଧ ଓ ସହାୟକ ଚିକିତ୍ସା ଉପଲବ୍ଧ ହୋଇଛି । ବିଶେଷଜ୍ଞମାନଙ୍କ ମତାନୁସାରେ, ସମୟରେ କ୍ୟାନ୍ସର ଚିହ୍ନଟ ଓ ସଠିକ୍ ଚିକିତ୍ସା ଆରମ୍ଭ କଲେ କେମୋଥେରାପି ଦ୍ୱାରା ରୋଗୀଙ୍କ ଜୀବନ ରକ୍ଷା ସହିତ ଜୀବନ ଗୁଣତା ମଧ୍ୟ ଉନ୍ନତ ହୋଇପାରେ ।

## ରେଡିଓଥେରାପି

ବିଗତ ୧୨୦ ବର୍ଷ ହେଲା ରେଡିଓଥେରାପି ଏକ ବହୁ ପରୀକ୍ଷିତ ଚିକିତ୍ସା ପଦ୍ଧତି । ଏଥିରେ ସ୍ୱଳ୍ପ ଖର୍ଚ୍ଚ ହୋଇଥାଏ । ରେଡିଓଥେରାପିରେ ଉଚ୍ଚ ଶକ୍ତିଶାଳୀ କିରଣ ବ୍ୟବହାର କରି କ୍ୟାନ୍ସର କୋଷକୁ ନଷ୍ଟ କରାଯାଏ । ସର୍ଜରୀ ପରେ କିମ୍ବା କେମୋଥେରାପି ସହିତ ଦିଆଯାଇଥାଏ । କର୍କଟର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟସ୍ତରରେ ରେଡିଓ ଥେରାପି ପ୍ରଭାବୀ । ରେଡିଓଥେରାପିରେ ଉଚ୍ଚ ଶକ୍ତିଶାଳୀ କିରଣ (X-ray, gamma ray) ବ୍ୟବହାର କରି କ୍ୟାନ୍ସର କୋଷକୁ ନଷ୍ଟ କରାଯାଏ । ଏହାକୁ ସର୍ଜରୀ ପରେ କିମ୍ବା କେମୋଥେରାପି ସହିତ ଦିଆଯାଏ । ମୁଖ-ଗଳା କର୍କଟ, ଜରାୟୁଗ୍ରୀବା କର୍କଟ, ଫୁସ୍ଫୁସ୍ କର୍କଟ, ମସ୍ତିଷ୍କ କର୍କଟ, ଯକୃତ କର୍କଟ ଇତ୍ୟାଦିରେ ଏହା ଅତ୍ୟନ୍ତ ଫଳପ୍ରଦ । ଯଦି ମେରୁଦଣ୍ଡ, ଅଣ୍ଟାହାଡ଼ ଇତ୍ୟାଦିରେ ମେଟାଷ୍ଟାଟିକ୍ ଟ୍ୟୁମର୍ ହୋଇଥାଏ, ତେବେ ଉକ୍ତ ହାଡ଼କୁ ଭାଙ୍ଗି ଯିବାରୁ ରକ୍ଷା କରିବା ପାଇଁ, ଦରଜ ଓ ଯନ୍ତ୍ରଣା କମ୍ କରିବା ପାଇଁ ରେଡିଓ ଥେରାପି ଦିଆଯାଇଥାଏ । ବେଳେ ବେଳେ ମସ୍ତିଷ୍କ, ଫୁସ୍ଫୁସ୍ ଓ ଯକୃତରେ ଯଦି କମ୍ ସଂଖ୍ୟକ ମେଟାଷ୍ଟାଟିକ୍ ଟ୍ୟୁମର୍ ହୋଇଥାଏ ତେବେ ଅତ୍ୟାଧୁନିକ SABR (ସେବର) ରେଡିଓ ଥେରାପିରେ ଅତି ସୂକ୍ଷ୍ମ ଓ କେନ୍ଦ୍ରୀଭୂତ ବିକିରଣ ପ୍ରୟୋଗ କରାଯାଇ ଚିକିତ୍ସା କରାଯାଏ । ଏହା ଖୁବ୍ ଉପାଦେୟ ଅଟେ । ବର୍ତ୍ତମାନ ଆଧୁନିକ ଲିନାକ୍ (LINAC) ଦ୍ୱାରା ସୂକ୍ଷ୍ମ ଓ କେନ୍ଦ୍ରୀଭୂତ ରେଡିଓଥେରାପି ଚିକିତ୍ସା ପ୍ରଦାନ କରାଯାଇପାରୁଛି । ଯାହା ଦ୍ୱାରା କି ପାର୍ଶ୍ୱପ୍ରତିକ୍ରିୟା କମ୍ ରହୁଛି ।







## ବ୍ରାକି ଥେରାପି

ଏଥିରେ ବିକିରଣ ଉତ୍ସକୁ ସିଧାସଳଖ ଶରୀର ମଧ୍ୟରେ ଥିବା ଟ୍ୟୁମର୍ ପାଖରେ ରଖାଯାଇଥାଏ। ସ୍ତନ କର୍କଟର ସର୍ଜରୀ ପରେ ବିକିରଣ ଚିକିତ୍ସା ପ୍ରାୟ ୪ରୁ୬ ସପ୍ତାହ ପର୍ଯ୍ୟନ୍ତ ଦିଆଯାଇଥାଏ। ଏବେ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ 'ଇଣ୍ଟରଷ୍ଟିସିଆଲ୍ ଇମ୍ପ୍ଲାଣ୍ଟ' ବ୍ରାକି ଥେରାପି ଦ୍ୱାରା ସ୍ତନ କର୍କଟର ବିକିରଣ ଚିକିତ୍ସା ମାତ୍ର ୫ରୁ ୧୦ ଦିନ ମଧ୍ୟରେ ଦିଆଯାଇପାରୁଛି। ଏହି ଚିକିତ୍ସାର ସମୟ, ଖର୍ଚ୍ଚ ଓ କମ୍ ଯନ୍ତ୍ରଣା ହୋଇଥାଏ। ସ୍ତନ କର୍କଟ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ ହେଲେ ସର୍ଜରୀ ଦ୍ୱାରା କର୍କଟ କଢ଼ାଯାଇ ତୁରନ୍ତ ଖାଲି ସ୍ଥାନରେ ବ୍ରାକିଥେରାପିର ସୂକ୍ଷ୍ମନଳୀକୁ ଇମ୍ପ୍ଲାଣ୍ଟ କରାଯାଏ। ବିକିରଣ ଥେରାପି –କମ୍ପ୍ୟୁଟର ପ୍ଲାନିଂ ପରେ ଇରିଡିୟମ-୧୯୨ ରେଡିଓଆକ୍ଟିଭ ପଦାର୍ଥକୁ ଉକ୍ତ ସୂକ୍ଷ୍ମ ନଳୀ ମଧ୍ୟରେ କିଛି ସମୟ ପାଇଁ ରଖାଯାଏ। ଦିନରେ ଦୁଇଥର ହିସାବରେ ମାତ୍ର ପାଞ୍ଚଦିନ ମଧ୍ୟରେ ବ୍ରାକିଥେରାପି ଚିକିତ୍ସା କରାଯିବା ପରେ ରୋଗୀ ସୁସ୍ଥ ହୋଇ ଘରକୁ ଫେରନ୍ତି। ସମ୍ପୂର୍ଣ୍ଣ ସର୍ଜରୀ ଓ ବ୍ରାକି ଥେରାପି ଚିକିତ୍ସା ମାତ୍ର ୧୦ ଦିନ ମଧ୍ୟରେ ହୁଏ। ଏହି ଥେରାପି ମାଧ୍ୟମରେ କେବଳ କର୍କଟ ରୋଗାକ୍ରାନ୍ତ ସ୍ଥାନରେ ଏହି ବ୍ରାକି ଥେରାପି ଦିଆଯାଏ। ଏହାଦ୍ୱାରା ମହିଳାଙ୍କ ସ୍ତନର ଆକାର ଓ ସୌନ୍ଦର୍ଯ୍ୟତାରେ କୌଣସି ହାନି ହୁଏ ନାହିଁ। ତତ୍‌ଜନିତ ମାନସିକସ୍ତରରେ ଆତ୍ମପ୍ରତ୍ୟୟହାନି ହୋଇନଥାଏ।

## ଇମ୍ୟୁନୋଥେରାପି

ଇମ୍ୟୁନୋଥେରାପି ହେଉଛି ଏକ ଆଧୁନିକ ଚିକିତ୍ସା ପଦ୍ଧତି। ଯେଉଁଥିରେ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଯାଇ କ୍ୟାନ୍‌ସର କୋଷକୁ ଚିହ୍ନଟ ଓ ନଷ୍ଟ କରିବାରେ ସାହାଯ୍ୟ କରେ। ଏହା ଦ୍ୱାରା ଶରୀର ନିଜେ କ୍ୟାନ୍‌ସର ସହ ଲଢ଼ିପାରେ। କିଛି ନିର୍ଦ୍ଦିଷ୍ଟ କ୍ୟାନ୍‌ସରରେ ଏହା ଅତ୍ୟନ୍ତ ଆଶାଜନକ ଫଳ ଦେଉଛି। ଇମ୍ୟୁନୋଥେରାପି କର୍କଟ କୋଷକୁ ପ୍ରମୁଖ ରୂପେ ନଷ୍ଟ କରିଦିଏ। ଏଥିରେ ପାର୍ଶ୍ୱ ପ୍ରତିକ୍ରିୟା ଆଶଙ୍କା କମ୍ ଥାଏ। ଇମ୍ୟୁନୋଥେରାପି ବିଭିନ୍ନ ପ୍ରକାରର।

## ଚେକ୍ ପଏଣ୍ଟ ଇନ୍‌ହିବିଟର


ଏହି ଔଷଧଗୁଡ଼ିକ ଇମ୍ୟୁନ ସିଷ୍ଟମ୍‌ର 'ବ୍ରେକ୍'କୁ ଖୋଲିଦେଇ କ୍ୟାନ୍‌ସର କୋଷକୁ ଆକ୍ରମଣ କରିବାର ଅବସର ଦିଏ। ମୁଣ୍ଡ-ଗଳା କ୍ୟାନ୍‌ସର, ଫୁସଫୁସ୍, ଚର୍ମ ଓ କିଡ୍‌ନି କ୍ୟାନ୍‌ସରରେ ଏହା ଅଧିକ ଲାଭଦାୟକ।

## ମୋନୋକ୍ଲୋନାଲ ଆଣ୍ଟିବଡି

ଏହି ଔଷଧ କ୍ୟାନ୍‌ସର କୋଷକୁ ସିଧାସଳଖ ଚିହ୍ନଟ କରି ଇମ୍ୟୁନ ସିଷ୍ଟମ୍‌କୁ ସଚେତନ କରେ। ତେବେ ସମସ୍ତ କ୍ୟାନ୍‌ସର ଓ ସମସ୍ତ ରୋଗୀ ପାଇଁ ଇମ୍ୟୁନୋଥେରାପି ସମାନ ଭାବେ କାର୍ଯ୍ୟକାରୀ ନୁହେଁ। କିଛି ରୋଗୀଙ୍କର ଚର୍ମ କୁଣ୍ଡାଇହେବା, ଜ୍ୱର, କ୍ଲାନ୍ତି ଭଳି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ। ତେଣୁ ଏହି ଚିକିତ୍ସା କେବଳ ଅଭିଜ୍ଞ କ୍ୟାନ୍‌ସର ବିଶେଷଜ୍ଞଙ୍କ ପରାମର୍ଶରେ ହେବା ଆବଶ୍ୟକ।

## ଟାର୍ଗେଟେଡ୍ ଥେରାପି

ଏହା ଏକ ଉନ୍ନତ ଚିକିତ୍ସା ପଦ୍ଧତି। ଏହି ପଦ୍ଧତିରେ କ୍ୟାନ୍‌ସର କୋଷର ନିର୍ଦ୍ଦିଷ୍ଟ ଗୁଣକୁ ଲକ୍ଷ୍ୟ କରି ଔଷଧ ଦିଆଯାଏ। ଫଳରେ କର୍କଟ ବୃଦ୍ଧି କରୁଥିବା କୋଷର ବିକାଶ ଧିମା ହୋଇଥାଏ। ଏହା ସୁସ୍ଥ କୋଷକୁ କମ୍ କ୍ଷତି କରେ। ପାରମ୍ପରିକ ଥେରାପି ତୁଳନାରେ ଏଥିରେ କମ୍ ପାର୍ଶ୍ୱ ପ୍ରତିକ୍ରିୟା ହୋଇଥାଏ। ଶରୀରକୁ ନିଜସ୍ୱ ପ୍ରତିରକ୍ଷା ପ୍ରଣାଳୀକୁ କର୍କଟ ସହିତ ଲଢ଼େଇ କରିବାରେ ସାହାଯ୍ୟ କରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କେମୋଥେରାପି ସହିତ ଟାର୍ଗେଟେଡ ଥେରାପି ନିଆଯାଇପାରିବ।





## ପାଲିଏଟିଭ୍ କେୟାର୍

ସମସ୍ତ କ୍ୟାନ୍‌ସର ସମ୍ପୂର୍ଣ୍ଣ ସୁସ୍ଥ ହେବା ସମ୍ଭବ ନ ହୋଇପାରେ। ସେହି ପରିସ୍ଥିତିରେ ପାଲିଏଟିଭ୍ କେୟାର ଦ୍ୱାରା ଯନ୍ତ୍ରଣା କମାଇ ରୋଗର ଉପଶମ ମିଳିଥାଏ। ଏହା ମଧ୍ୟ କ୍ୟାନ୍‌ସର ଚିକିତ୍ସାର ଏକ ଅତ୍ୟାବଶ୍ୟକ ଅଂଶ। ସେହିପରି ସାଇଟୋକାଇନ୍ ଥେରାପି ପଦ୍ଧତିରେ ଇମ୍ୟୁନ କୋଷମାନଙ୍କର କାର୍ଯ୍ୟକ୍ଷମତା ବଢ଼ାଯାଏ।


## କର୍କଟ ଟିକା

ଏହା ଶରୀରକୁ କ୍ୟାନ୍‌ସର ବିରୋଧରେ ପୂର୍ବରୁ ପ୍ରସ୍ତୁତ କରେ। ଏହା ପ୍ରତିରୋଧ ଓ ଚିକିତ୍ସା- ଦୁଇଟି ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ।

## ସଚେତନତା ଓ ପ୍ରତିରୋଧ

ତମାଖୁ ସେବନ, ମଦ୍ୟପାନ, ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ, ମୁଖ ଓ ଶରୀର ସ୍ୱଚ୍ଛତା ଅଭାବ ଭଳି କାରଣ କ୍ୟାନ୍‌ସରର ମୁଖ୍ୟ କାରଣ। ସଚେତନ ଜୀବନ ଶୈଳୀ, ନିୟମିତ ଚିକିତ୍ସା ପରୀକ୍ଷା ଓ ସମୟରେ ଡାକ୍ତରଙ୍କ ପରାମର୍ଶ ଦ୍ୱାରା କ୍ୟାନ୍‌ସରକୁ ରୋକିବା କିମ୍ବା ଆରମ୍ଭିକ ଅବସ୍ଥାରେ ଚିହ୍ନଟ କରିବା ସମ୍ଭବ।

## ସର୍ବଶ୍ରେଷ୍ଠ ଅସ୍ତ୍ର






କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଗତ କିଛି ବର୍ଷ ଧରି ଇମ୍ୟୁନୋଥେରାପି ଏକ ନୂତନ ଓ ଆଶାଜନକ ଅଧ୍ୟାୟ ଆରମ୍ଭ କରିଛି। ପାରମ୍ପରିକ ଚିକିତ୍ସା ପଦ୍ଧତି ଯେପରିକି ସର୍ଜରୀ, କେମୋଥେରାପି ଓ ରେଡିଓଥେରାପି ଠାରୁ ଭିନ୍ନ ଭାବେ, ଇମ୍ୟୁନୋଥେରାପି ଶରୀରର ନିଜସ୍ୱ ରୋଗପ୍ରତିରୋଧକ ଶକ୍ତିକୁ ସକ୍ରିୟ କରି କ୍ୟାନ୍ସର ସହ ଲଢ଼ିବାକୁ ସାହାଯ୍ୟ କରେ। ଏହି ପଦ୍ଧତି ଦ୍ୱାରା ଅନେକ ରୋଗୀଙ୍କ ଜୀବନରେ ନୂଆ ଆଶା ସୃଷ୍ଟି ହୋଇଛି।

ତେବେ କ୍ୟାନ୍‌ସର ଏକ ଭୟଙ୍କର ଶବ୍ଦ ହେଲେ ମଧ୍ୟ, ଏହା ଆଜି ଆଶାହୀନ ରୋଗ ନୁହେଁ। ଆଧୁନିକ ଚିକିତ୍ସା, ଡାକ୍ତରଙ୍କ ଦକ୍ଷତା ଓ ରୋଗୀଙ୍କ ସକାରାତ୍ମକ ମନୋଭାବ ଦ୍ୱାରା ଅନେକ ଜୀବନ ରକ୍ଷା ପାଇଛି। ସଚେତନତା, ସମୟୋପଯୋଗୀ ଚିକିତ୍ସା ଓ ସମାଜର ସହଯୋଗ ହିଁ କ୍ୟାନ୍ସର ସହ ଯୁଦ୍ଧରେ ସର୍ବୋତ୍ତମ ଅସ୍ତ୍ର। ■

ସିନିୟର୍ କନ୍‌ସଲଟାଣ୍ଟ,ରେଡିଏସନ୍ ଅଙ୍କୋଲୋଜି, ସମ୍ ଅଲ୍ଟିମେଟ୍ ମେଡିକେୟାର୍, ଭୁବନେଶ୍ୱର

# ମସ୍ତିଷ୍କ କର୍କଟ





ଡା. ସଞ୍ଜୟ କୁମାର ମିଶ୍ର

**ମସ୍ତିଷ୍କରେ ଥିବା ଗ୍ଲିଆଲ୍ କୋଷଗୁଡ଼ିକ ଅସ୍ୱାଭାବିକ ଭାବେ ବଢ଼ିଲେ ମସ୍ତିଷ୍କ କର୍କଟ ହୋଇଥାଏ । ମସ୍ତିଷ୍କ କର୍କଟର ହେବାର କୌଣସି ପ୍ରାମାଣିକ କାରଣ ନାହିଁ । ଏହାକୁ କେତେକାଂଶରେ ଅତ୍ୟାଧୁନିକ ଜୀବନଶୈଳୀ ସହିତ ଯୋଡ଼ା ଯାଇପାରେ । ବିକିରଣ ସଂସ୍ପର୍ଶରେ ଆସିବା, ଫୋନ୍, ଲାପଟପ୍ ଆଦି ବ୍ୟବହାର, ବଂଶାନୁଗତ, ଚିନ୍ତା, ମେଦବହୁଳତା, ମସ୍ତିଷ୍କଜନତି ସମସ୍ୟା ଆଦି ଏହି ରୋଗର କାରଣ । ଏହା ଯେକୌଣସି ବୟସରେ ପ୍ରଭାବିତ କରିପାରେ । ମସ୍ତିଷ୍କ କର୍କଟ ନିର୍ଣ୍ଣୟ ଓ ଉପଲବ୍ଧ ଚିକିତ୍ସା ବିକଳ୍ପ ବିଷୟରେ ଜାଣିବା ।**


ମସ୍ତିଷ୍କ କର୍କଟରେ ଗ୍ରେଡ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗ୍ରେଡ୍ ୧,୨,୩, ୪ ଆଧାରରେ ମପା ଯାଏ । ମୁଖ୍ୟତଃ ଗ୍ରେଡ୍ ୧ ଏବଂ ୨କୁ ବିନାଇନ୍ କୁହାଯାଏ । ଗ୍ରେଡ୍ ୩ରୁ ୪କୁ ମାଲିଗ୍ନାଣ୍ଟ କର୍କଟ କୁହାଯାଏ ।

## ଗ୍ରେଡ୍ ଅନୁସାରେ ଲକ୍ଷଣ

ଗ୍ରେଡ୍ ୧ଏବଂ ୨ରେ ମୁଣ୍ଡ ବୁଲାଇବା, ବାତ ମାରିବା, ଦୃଷ୍ଟିଶକ୍ତି ବାଧା, ଦୁର୍ବଳ, ପକ୍ଷାଘାତ, ଆଦି ହାଲୁକା ଲକ୍ଷଣ ଦେଖାଯାଏ । ରୋଗ ଚିହ୍ନଟ ହେଲେ ସର୍ଜରୀ କରାଯାଏ । ଯଦି କର୍କଟ ମସ୍ତିଷ୍କର ସୂକ୍ଷ୍ମ ତଥା ସମ୍ବେଦନଶୀଳ ଅଙ୍ଗରେ ଥାଏ, ତେବେ ବିକିରଣ ଚିକିତ୍ସା ଦିଆଯାଏ । ସେହିପରି ଗ୍ରେଡ୍ ୩ରୁ ୪ରେ ଟ୍ୟୁମର ସହିତ ଇଡିମା ତଥା ମୁଣ୍ଡରେ ପାଣି ଜମିଯାଏ । ଦୃଷ୍ଟିଶକ୍ତି ହ୍ରାସ, ମୁଣ୍ଡବିନ୍ଧା, ବାନ୍ତି, ପକ୍ଷାଘାତ ଆଦି ଅଧିକ ମାତ୍ରାର ହୋଇଥାଏ । ଉଚ୍ଚଗ୍ରେଡ୍ ଗ୍ଲାଇଓମାରେ ବିଭିନ୍ନ ସମସ୍ୟା ସୃଷ୍ଟି କରେ । ମସ୍ତିଷ୍କ କର୍କଟ ଚିହ୍ନଟ ପାଇଁ କଣ୍ଟ୍ରାଷ୍ଟ, ଏମ୍‌ଆର ସ୍କାନ୍, ସିଟିସ୍କାନ୍, ଟ୍ୟୁମରର ବାୟୋପ୍ସି, ଏମ୍‌ଆର୍ ସ୍ପେକ୍ଟ୍ରୋସ୍କୋପି କରାଯାଏ । ଚିକିତ୍ସାରେ ଅଧିକ ଲକ୍ଷ୍ୟ ଭେଦ ପାଇଁ ଆଇଡିଏଚ୍୧, ଏଟିଆର୍‌ଏକ୍ସ, ଏମ୍‌ଜିଏମ୍‌ଟି ମିଥାଇଲେସନ୍ ଆଦି କରିଯାଏ । ଗ୍ରେଡ୍-୩ ଏବଂ ୪ ରେ ବି ସର୍ଜରୀ ସହିତ ରେଡିଓ ଥେରାପି ଏବଂ କେମୋଥେରାପି, ଟାର୍ଗେଟେଡ୍ ଥେରାପି ଦିଆଯାଏ । ଟ୍ୟୁମର ମସ୍ତିଷ୍କର ସମ୍ବେଦନଶୀଳ ଅଙ୍ଗରେ ଥିଲେ ସର୍ଜରୀ କରିହୁଏ ନାହିଁ । ସେବେ ରେଡିଓଥେରାପି ଏବଂ କେମୋଥେରାପି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ । ଗ୍ରେଡ୍ ୧ ଏବଂ ୨ରେ ରୋଗୀ ସୁସ୍ଥ ହେବା ଆଶଙ୍କା ଅଧିକ । ଗ୍ରେଡ୍-୩ ଏବଂ ୪ରେ ଉପଯୁକ୍ତ ଚିକିତ୍ସା ଯୋଗାଇଲେ, ପୀଡ଼ିତ ୩ରୁ୫ବର୍ଷ ବଞ୍ଚିବା ସମ୍ଭାବନା ଥାଏ । ମେଡୁଲୋ ବ୍ଲାଷ୍ଟୋମା ଭଳି କର୍କଟରେ ଷ୍ଟେମସେଲ୍ ଥେରାପି ଉପଯୋଗୀ ହେଉଛି ।

## ସଚେତନତା ହିଁ ମୂଳ ଅସ୍ତ୍ର

ମସ୍ତିଷ୍କରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଥିଲେ ଡାକ୍ତରଙ୍କୁ ତୁରନ୍ତ ଦେଖାଇବା କଥା । ପରିବାର ସଦସ୍ୟ ପୀଡ଼ିତଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ଜରୁରି । ସନ୍ତୁଳିତ ଖାଦ୍ୟପେୟ, ସଠିକ୍ ବିଶ୍ରାମ, ମାନସିକ ଚାପଠାରୁ ଦୂରେଇ ରହିବା ଜରୁରି ।



## ଯକୃତ କର୍କଟ

ଯକୃତ କୋଷରୁ ହେଉଥିବା କର୍କଟକୁ ଯକୃତ କର୍କଟ କୁହଯାଏ । ହେପାଟାଇଟିସ୍ ବି ଓ ସି ଓ ବିଶୃଙ୍ଖଳିତ ଜୀବନଶୈଳୀରୁ ଏହି ରୋଗହୁଏ । ପରିସ୍ରାରେ ରକ୍ତ ପଡ଼ିବା, ବୃକ୍କ ପାର୍ଶ୍ୱରେ ଯନ୍ତ୍ରଣା, ଓଜନ ହ୍ରାସ, ରାତିରେ ଜ୍ୱର ହେବା, ଝାଳ ବୋହିବା, ଜଣ୍ଡିସ୍ ଆଦି ଲକ୍ଷଣ ଦେଖାଯାଏ । ରୋଗ ନିର୍ଣ୍ଣୟ ନିମନ୍ତେ ରକ୍ତ ପରୀକ୍ଷା, ବ୍ଲଡ୍ ଇମେଜିଂ, ଟିସୁ ବାୟୋପ୍ସି ଆଦି ପରୀକ୍ଷଣ କରାଯାଏ । ରୋଗ ନିର୍ଣ୍ଣୟ ପରେ ସର୍ଜରୀ ସହିତ କେମୋ ଏବଂ ବିକିରଣ ଥେରାପି ନିଆଯାଏ ।



## ଅସ୍ଥି ଏବଂ ମାଂସପେଶୀ କର୍କଟ

ବଂଶାନୁଗତ, ପିଲାବେଳୁ କୌଣସି ଚିକିତ୍ସା ପାଇଁ ବିକିରଣ ସଂସ୍ପର୍ଶରେ ଆସିଥିଲେ, ରାସାୟନିକ ପଦାର୍ଥ ସମ୍ପର୍କରେ ରହିବା, ଦୁର୍ବଳ ରୋଗପ୍ରତିରୋଧକ ଆଦି କାରଣରୁ ଅସ୍ଥି ଏବଂ ମାଂସପେଶୀ କର୍କଟ ହୁଏ । ଏହା ଶରୀରର ଯେକୌଣସି ଅଙ୍ଗକୁ ବ୍ୟାପୀ ପାରେ । ଏକ୍ସରେ, ଏମ୍‌ଆର୍‌ଆଇ, ବାୟୋପ୍ସିରେ ରୋଗ ଚିହ୍ନଟ ହୁଏ । ଏହି କର୍କଟରେ ବିନା ଆଘାତରେ ଅସ୍ଥି ଭାଙ୍ଗିବା, ଶରୀର ଯନ୍ତ୍ରଣା ଏବଂ ପ୍ରଦାହ ହେବ, ଅସ୍ଥି ମଧ୍ୟରେ ନଷ୍ଟ ହୁଏ । ତେଣୁ ସର୍ଜରୀ, କେମୋ ଓ ବିକିରଣ ଥେରାପିରେ ଚିକିତ୍ସା ଯୋଗାଇହୁଏ । ■

ନିର୍ଦ୍ଦେଶକ ଓ ବରିଷ୍ଠ କର୍କଟ ଚିକିତ୍ସକ, ଉତ୍କଳ ହସ୍‌ପିଟାଲ୍, ଭୁବନେଶ୍ୱର

# କର୍କଟ ପାଇଁ ଯୋଗ



ଗଣେଶ୍ୱର ଗୋଛିକାର

ମୁଖଗହ୍ୱର କର୍କଟ ହେଲେ ଏହାର ନିରାକରଣ ପାଇଁ ପାଟିରେ ବିଭିନ୍ନ ଭଙ୍ଗୀରେ ବ୍ୟାୟାମ କରାଯାଏ । ଅନୁଲୋମ ବିଲୋମ, ଭ୍ରାମାରୀ ପ୍ରାଣାୟମ ଆଦି କରିପାରିବେ । ସେହିପରି ମହିଳାମାନଙ୍କଠାରେ ଦେଖାଯାଉଥିବା ସ୍ତନକର୍କଟ, ଜରାୟୁ ଗ୍ରୀବା କର୍କଟ, ପିତ୍ତକୋଷ କର୍କଟ, ଗର୍ଭାଶୟ କର୍କଟ ଆଦି ଦେଖାଯାଉଥିଲେ ସେମାନେ ଯୋଗ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ପବନମୁକ୍ତା ଆସନ-ଭାଗ-୧ କରିବେ । ଏହା ଦ୍ୱାରା ଅସ୍ଥି ଖଞ୍ଜା ସମ୍ପ୍ରସାରଣ ହୋଇଥାଏ । ରକ୍ତସଞ୍ଚାଳନ ଭଲ ହୁଏ । ଯନ୍ତ୍ରଣା ହ୍ରାସ ହୁଏ । ଧୀରେ ଧୀରେ ସୂର୍ଯ୍ୟ ନମସ୍କାର ମଧ୍ୟ କରି ପାରିବେ । ଗର୍ଭାଶୟ କର୍କଟ ଦୂର ପାଇଁ ବଦ୍ଧକୋଣାସନ, ଅର୍ଦ୍ଧମତ୍ସ୍ୟେନ୍ଦ୍ରା ଆସନ, ନାଡ଼ିଶୋଧନ, ଉଜ୍ଜୟୀ କରିପାରିବେ ।


ତିନି ପ୍ରକାରର ବନ୍ଧ ରହିଛି । ଜଳନ୍ଧର ବନ୍ଧ, ମୂଳାଧାର ବନ୍ଧ ଏବଂ ଅନ୍ୟଟି ଉଡ୍ୟାନ ବନ୍ଧ । ଏହି ବନ୍ଧ କରିବା ସମୟରେ ନିଃଶ୍ୱାସକୁ କିଛି କ୍ଷଣ ଅଟକାଇବାକୁ ପଡ଼େ । ମଳଦ୍ୱାର ସଙ୍କୁଚିତ ହୁଏ । ତେଣୁ ପାକସ୍ଥଳୀ କର୍କଟ ପାଇଁ ଭଲ କାମଦିଏ । ଫୁସ୍‌ଫୁସ୍ କର୍କଟ ନିରାକରଣ ପାଇଁ ହୃଦୟ ପ୍ରାଣାୟମ ହିତକର । ଏହାବାଦ୍


**ଶରୀର ସୁସ୍ଥ ରହିବା ପାଇଁ ପ୍ରତିଦିନ ଯୋଗ, ବ୍ୟାୟାମ ଓ ପ୍ରାଣାୟମ କରିବା ଭଲ । ଦୈନିକ ଯୋଗାଭ୍ୟାସ କଲେ ରକ୍ତ ସଞ୍ଚାଳନ ଭଲ ହୁଏ । ମସ୍ତିଷ୍କ ସୁସ୍ଥ, ଚିନ୍ତାମୁକ୍ତ ରୁହେ । ଏହି କ୍ରମରେ କର୍କଟ ପୀଡ଼ିତ ମାନସିକ ଶାନ୍ତି, ଉତ୍ତମ ସ୍ୱାସ୍ଥ୍ୟ ପାଇଁ କିଛି ଯୋଗ ଓ ପ୍ରାଣାୟମ କରିପାରିବେ । ଏହାଦ୍ୱାରା ରୋଗର ବିପଦ ହ୍ରାସ ହୋଇପାରେ ।**

ଅନୁଲୋମ ବିଲୋମ ଓ ଭସ୍ତ୍ରିକା ପ୍ରାଣାୟମ କରିପାରିବେ । ଏହା ଦ୍ୱାରା ରୋଗୀଙ୍କ ଉପରେ ଖୁବ୍‌ଶୀଘ୍ର ସକାରାତ୍ମକ ପ୍ରଭାବ ପଡ଼ିଥାଏ ।

ରୋଗର ତୀବ୍ରତା ଓ ପୀଡ଼ିତଙ୍କ ଶାରୀରିକ ସ୍ୱାସ୍ଥ୍ୟ ସ୍ଥିତି ଆଧାରାରେ ଯୋଗ କରାଯାଏ । ମଳାଶୟ କର୍କଟ ନିରାକରଣ ପାଇଁ ମୂଳାଧାର ବନ୍ଧ କରିପାରିବେ । ବୃକ୍କ କର୍କଟ ପୀଡ଼ିତ ପବନମୁକ୍ତାସାନ, ସେତୁବନ୍ଧ ଆସନ ଆଦି କରିପାରିବେ । ଧୀରେ ଧୀରେ ଉଠି ବସି ଅନୁଲୋମବିଲୋମ ଏବଂ ନାଡ଼ି ଶୋଧନ କଲେ ଶାରୀରିକ ଓ ମାନସିକ ସ୍ଥିତି ଠିକ୍ ରହିବ । ରକ୍ତ ଶୁଦ୍ଧିକରଣ ହୁଏ । ରକ୍ତ କର୍କଟ ପୀଡ଼ିତଙ୍କୁ ଅନୁଲୋମବିଲୋମ ଓ ଉଜ୍ଜୟୀ ପ୍ରାଣାୟମ କରିବାକୁ ପଡ଼ିଥାଏ ।

ମସ୍ତିଷ୍କ କର୍କଟ ଦୂର ପାଇଁ ଆଖି ବୁଜି ଭ୍ରାମରୀ, ଅନୁଲୋମବିଲୋମ, ଚନ୍ଦ୍ରଭେଦନ, ସୂର୍ଯ୍ୟଭେଦନ କରିପାରିବେ । ଏହାଦ୍ୱାରା ମସ୍ତିଷ୍କ ସୁସ୍ଥ ରହେ । ସକାଳୁ ଏହି ଯୋଗ ଓ ପ୍ରାଣାୟମ କରିବା ଉଚିତ । ପୁରୁଷମାନଙ୍କଠାରେ ହେଉଥିବା କର୍କଟ ପାଇଁ ବନ୍ଧ ସବୁଠୁ ପ୍ରଭାବୀ । ବଜ୍ରାସନ କରିପାରିବେ । ସମସ୍ତ ପ୍ରକାର କର୍କଟ ପୀଡ଼ିତଙ୍କ ପାଇଁ ସୂର୍ଯ୍ୟ ନମସ୍କାର, ଅନୁଲୋମ ବିଲୋମ, ଭ୍ରାମରୀ ପ୍ରାଣାୟମ ସର୍ବୋତ୍ତମ । ■





ଯୋଗ ପ୍ରଶିକ୍ଷକ,
ଭୁବନେଶ୍ୱର



ଡା: ସନ୍ଦୀପ କୁମାର ବାରିକ

**ଅତ୍ୟାଧୁନିକ ଜୀବନଶୈଳୀ, ବଂଶାନୁଗତ, ଶାରୀରିକ ନିଷ୍କ୍ରିୟତା ଆଦି ଯୋଗୁଁ ଅଧିକାଂଶ  କର୍କଟର ଶିକାର ହେଉଛନ୍ତି । ତନ୍ମଧ୍ୟରୁ ଜିଭ କର୍କଟ, ପାକସ୍ଥଳୀ କର୍କଟ, ଚକ୍ଷୁ କର୍କଟ, ମଳାଶୟ ତଥା ରେକ୍ଟମ କର୍କଟ,ଅଗ୍ନାଶୟ କର୍କଟ ପ୍ରମୁଖ କର୍କଟ ।**

# ବିଶୃଙ୍ଖଳିତ ଜୀବନଶୈଳୀ ଓ କର୍କଟ

## ଜିଭ କର୍କଟ




ଧୂମପାନ,ତମାଖୁ ସେବନ, ମୁଖଗହ୍ୱରର ଅସ୍ୱଚ୍ଛତା, ଡେଣ୍ଟାଲ ଇନଜ୍ୟୁରି, ବଂଶାନୁଗତ, ଏଚ୍‌ପିବି ସମ୍ପର୍କରେ ଆସିବା ଦ୍ୱାରା ଜିଭ କର୍କଟ ହୋଇପାରେ। ଏହି କର୍କଟ ଜିଭ କୋଷରୁ ଆରମ୍ଭ ହୋଇ ପାଟିରେ ବ୍ୟାପିଯାଏ। ବୟସ୍କ, ମୁଖଗହ୍ୱରର ଅସ୍ୱଚ୍ଛତା ବ୍ୟକ୍ତିଙ୍କୁ ଜିଭ କର୍କଟ ବିପଦ ଅଧିକ ଥାଏ। ଜିଭରେ ଧଳା ଦାଗ, କଥା ଅସ୍ପଷ୍ଟ ଶୁଭିବା, ଢୋକି ନ ପାରିବା, କାଶରେ ରକ୍ତ ପଡ଼ିବା ଆଦି ଲକ୍ଷଣ ଦେଖାଯାଇପାରେ। ରୋଗର ସ୍ତର ଯଦି ୩ରୁ ୪ ସ୍ତରରେ ଥାଏ, ବେକ ଫୁଲା ହୋଇପାରେ। ରୋଗ ଚିହ୍ନଟ ହେଲେ, ସର୍ଜରୀ, କେମୋଥେରାପି, ବିକିରଣ ଚିକିତ୍ସା, ବ୍ରାକି ଥେରାପି ଏବଂ କିଛି ନିର୍ଦ୍ଦିଷ୍ଟ ଔଷଧ ଦ୍ୱାରା କରାଯାଇଥାଏ। ବିଳମ୍ବରେ ଚିହ୍ନଟ ହେଲେ, ଡାକ୍ତର ଜିଭରେ କର୍କଟ ଅଂଶକୁ ବାହାର କରିଦେଇଥାନ୍ତି।

## ପାକସ୍ଥଳୀ କର୍କଟ

ଶରୀରର ଅନ୍ୟ ଅଙ୍ଗ ଭଳି ପାକସ୍ଥଳୀରେ କର୍କଟ ହେଉଛି । ହେଲିକୋବ୍ୟାକ୍ଟର ପାଲୋରି ଜୀବାଣୁ  ଏହି କର୍କଟ ହେବାର ମୁଖ୍ୟ କାରଣ। ବିଶୃଙ୍ଖଳିତ ଜୀବନଶୈଳୀ, ବଂଶଗତ, ଧୂମପାନ କରୁଥିବା ବ୍ୟକ୍ତିଙ୍କ ପେଟରେ କୋଷଗୁଡ଼ିକ ନଷ୍ଟ ହୋଇ ପାକସ୍ଥଳୀ କ୍ୟାନ୍‌ସର ହୋଇପାରେ। ଓଜନହ୍ରାସ, ଭୋକ ନ ଲାଗିବା, ଥକ୍କା ଲାଗିବା, ବାନ୍ତି, କୋଷ୍ଠକାଠିନ୍ୟ, ବାନ୍ତି ଓ ଝାଡ଼ାରେ ରକ୍ତପଡ଼ିବା, ରକ୍ତହୀନତା ଆଦି ଦେଖାଯାଏ। ରୋଗ ଚିହ୍ନଟ ପାଇଁ ଏଣ୍ଡୋସ୍କୋପି ଏବଂ ସିଟିସ୍କାନ୍ କରାଯାଏ। ରୋଗୀର ଶାରୀରିକ ସ୍ଥିତି ଓ ରୋଗର ସ୍ତର ଅନୁସାରେ ଚିକିତ୍ସା କରାଯାଏ। ଅସ୍ତ୍ରୋପଚାର ସହିତ  କେମୋଥେରାପି ଏବଂ ରେଡିଓଥେରାପି ଚିକିତ୍ସା ଦିଆଯାଏ।

## ଚକ୍ଷୁ କର୍କଟ




ଚକ୍ଷୁରେ କର୍କଟ ହେବା ବିରଳ। ସଠିକ୍ ସମୟରେ ଏହାର ଚିହ୍ନଟ ନହେଲେ ଏହା ଲିମ୍ଫ ନୋଡ୍‌ସ ଯାଏଁ ବ୍ୟାପୀ ପାରେ। ବୟସ୍କ, ସମ୍ବେଦନଶୀଳ ତ୍ୱଚା, ବଂଶାନୁଗତ, ଅତି ବାଇଗଣୀ ରଶ୍ମୀ ସମ୍ପର୍କରେ ଆସିବା ଯୋଗୁଁ ଏହି କର୍କଟ ହୁଏ। ଚକ୍ଷୁ କର୍କଟ ବିଭିନ୍ନ ପ୍ରକାର ଯଥା- ଇଣ୍ଟ୍ରାଅକ୍ୟୁଲାର ମେଲାନୋମା, କଞ୍ଜକ୍ଟିଭାଲ ମେଲାନୋମା, ଅରବିଟାଲ କ୍ୟାନସ୍‌ର, ରେଟିନୋବ୍ଲାଷ୍ଟମା (ପିଲାଙ୍କଠାରେ), ଇଣ୍ଟ୍ରାକୁଲାର ଲିମ୍ଫୋମା (ବୟସ୍କ ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ବ୍ୟକ୍ତିଙ୍କୁ ଅଧିକହୁଏ) ପ୍ରକାର ରହିଛି। ଏହା ଆଖିର ଡୋଳା, ପଲକ, ଚକ୍ଷୁର ଅନ୍ୟାନ୍ୟ ଅଂଶରେ ହୁଏ। ଏହି କର୍କଟ ଚିହ୍ନଟରେ ସମସ୍ୟା ହୁଏ। ଝାପ୍‌ସା ଦିଶିବା, ଦୃଷ୍ଟିଶକ୍ତି ହ୍ରାସ ପାଇବା, ଆଖି ବାହାରକୁ ବାହାରିବା ପରି ଦିଶିବା, ଆଖି ଜଳାପୋଡ଼ା ହେବା ରୋଗର ଲକ୍ଷଣ। ଚକ୍ଷୁ ପରୀକ୍ଷା କରି କର୍କଟ ପାଇଁ ବିକିରଣ ଥେରାପି, ଲେଜର ଥେରାପି, ଟାରଗେଟେଡ ଥେରାପି, ଅସ୍ତ୍ରୋପଚାର ଆଦି ଯୋଗାଇ ଦିଆଯାଏ।

## ମଳାଶୟ କର୍କଟ



ମଳାଶୟ କର୍କଟ ହେଲେ ମଳାଶୟରୁ ରକ୍ତ ପଡ଼ିବା ସହ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ମଳତ୍ୟାଗରେ ସମସ୍ୟା ଓ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯାଏ। ପତଳା ଝାଡ଼ା, ଦୁର୍ବଳ ଅନୁଭବ, ତଳିପେଟ ଯନ୍ତ୍ରଣା, ଅଚାନକ ଓଜନ କମିବା ଲକ୍ଷଣ ଦେଖାଯାଏ। କର୍କଟ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିପାରେ। କର୍କଟ ସ୍ଥାନର ଚିହ୍ନଟ ପାଇଁ ଡିଜିଟାଲ ରେକ୍ଟାଲ ପରୀକ୍ଷା (ଡିଆର୍‌ଇ) ସହିତ ଶାରୀରିକ ପରୀକ୍ଷଣ କରାଯାଏ। କୋଲୋନୋସ୍କୋପି, ବାୟୋପ୍ସି, ସିଟି ସ୍କାନ୍, ଏମ୍‌ଆର୍‌ଆଇ, ପିଇଟି ସିଟି, ଅଲଟ୍ରାସାଉଣ୍ଡ ଆଦି ପରୀକ୍ଷା କରାଯାଏ। ତେବେ  କର୍କଟର ସ୍ଥିତି ଉପରେ ସର୍ଜରୀ ନିର୍ଭରଶୀଳ। ଓଜନ ନିୟନ୍ତ୍ରଣରେ ରଖିବା ଆବଶ୍ୟକ ରହିଛି।

## ଅଗ୍ନାଶୟ କର୍କଟ



ଅଗ୍ନାଶୟ କର୍କଟ ପେଟର ନିମ୍ନ ଭାଗରେ ଦେଖାଯାଏ। ଏହା ଅଗ୍ନାଶୟରୁ ଆରମ୍ଭ ହୁଏ। ବଂଶାନୁଗତ (ବ୍ରାକାଜିନ୍), ଅଲ୍‌ଟ୍ରା ପ୍ରୋସେସ୍‌ଡ ଖାଦ୍ୟପେୟ ଓ ଜୀବନଶୈଳୀ, ଧୂମପାନ, ମେଦବହୁଳତା ଆଦି ଯୋଗୁଁ  ଅଗ୍ନାଶୟ କର୍କଟ ହୋଇଥାଏ। ଅଗ୍ନାଶୟ ମୁଖ୍ୟତଃ ଶକ୍ତିଶାଳୀ ହଜମକାରୀ ଏନ୍‌ଜାଇମ୍ ମୁକ୍ତ କରିଥାଏ। ହରମୋନ୍ ଇନ୍‌ସୁଲିନ୍ ଉତ୍ପାଦନ କରେ। ଯେତେବେଳେ ଅଗ୍ନାଶୟ ଏନ୍‌ଜାଇମ୍ ମୁକ୍ତ କରିବା ପୂର୍ବରୁ ହଜମକାରୀ ଏନ୍‌ଜାଇମ୍ କାମ କରିବା ଆରମ୍ଭ କରେ, ସେତେବେଳେ ଅଗ୍ନାଶୟ ନଷ୍ଟ ହୋଇପାରେ । ଅଗ୍ନାଶୟରେ ଟ୍ୟୁମର ହୋଇ ପରେ ଏନ୍‌ଜାଇମ ବଢ଼ି କର୍କଟର ରୂପ ନିଏ। ପେଟ ବ୍ୟଥା , ଶିରା ଫୁଲା, କୋଷ୍ଠକାଠିନ୍ୟ, ଓଜନହ୍ରାସ,  ଜଣ୍ଡିସ ଲକ୍ଷଣ ଦେଖାଯାଏ। କର୍କଟ ଅବସ୍ଥିତି, ପର୍ଯ୍ୟାୟ ରୋଗୀର ସ୍ୱାସ୍ଥ୍ୟବସ୍ଥା ଜାଣି ସର୍ଜରୀ କରାଯାଏ। ହ୍ୱିପଲ ପ୍ରିସିଜର, ଡିଷ୍ଟଲ ପାନ୍‌କ୍ରିୟାଟେକ୍ଟୋମି, ଟୋଟଲ ପାନକ୍ରିୟାଟେକ୍ଟୋମୀ, କେମୋଥେରାପି, ରେଡିଏସନ୍ ଥେରାପି ଦିଆଯାଏ।

## ଗଳା କର୍କଟ

ଗଳାରୁ କର୍କଟରେ ଗଳାରୁ କର୍କଟ ରୋଗ କୋଷଗୁଡ଼ିକ ବଢ଼ିପାରେ। ଏଥିରେ ଗଳା ଭିତର, ନାକ ପଛ, ଗଳା ପଛ ପାଗରେ ଅସ୍ୱାଭାବିକ ଭାବେ କର୍କଟ କୋଷ ବଢ଼ିବା ଆରମ୍ଭ ହୁଏ। ଏହି ରୋଗ ହେଲେ ଗଳା କିମ୍ବା ସ୍ୱରତନ୍ତ୍ର ପ୍ରଭାବିତ ହୁଏ। ଖାଇବାରେ କଷ୍ଟ,  ଜିଭରେ ଧଳା ଚିହ୍ନ ଦେଖାଯାଇପାରେ। କର୍କଟ ରୋଗ ବିଭିନ୍ନ ଅଙ୍ଗକୁ ବ୍ୟାପୀ ଯାଇଥାଏ। ରକ୍ତ ପରୀକ୍ଷା, ବାୟୋପ୍ସି କରାଯାଏ। କେମୋଥେରାପି ଓ ରେଡିଓଥେରାପି ଦ୍ୱାରା ମଧ୍ୟ ଚିକିତ୍ସା କରାଯାଏ। ଏଣ୍ଡୋସ୍କୋପି, ଏମଆରଆଇ କିମ୍ବା ସିଟି ସ୍କାନ କରାଯାଇପାରେ।

କେମୋଥେରାପି ଓ ରେଡିଓଥେରାପି  ନେଉଥିଲେ କମ୍ ତେଲ ମସଲା ଯୁକ୍ତ ମାଛ, ମାଂସ ଅଣ୍ଡା ଖାଇପାରିବେ। ଭଲଭାବେ ସିଝିଥିବା ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ଉଚିତ। ପାଣି, ସୁପ ତଥା ହର୍ବାଲ ଚା' ପିଇପାରିବେ। କେମୋଥେରାପି ନେବା ସମୟରେ ଭଲ ଭାବେ ହଜମ ହେଉଥିବା ଖାଦ୍ୟ ଖାଇବା ଗୁରୁତ୍ୱ। ଖରାକୁ ବାହାରିବେନି, ଅତ୍ୟଧିକ ପରିଶ୍ରମ କରିବା ଅନୁଚିତ, ରାସାୟନିକ ତେଲ, କ୍ରିମ୍ ବ୍ୟବହାର କରିବା ଅନୁଚିତ। ■

ଆସୋସିଏଟ୍ ପ୍ରଫେସର, ରେଡିଏସନ୍/ଅଙ୍କୋଲୋଜି
ଏମ୍‌ସ, ଭୁବନେଶ୍ୱର



# ଚର୍ମ କର୍କଟ



ଡା. ମାନସ ରଞ୍ଜନ ପୁହାଣ

ଯଦିଓ କଳା ଚର୍ମ ରଙ୍ଗରେ ଚର୍ମ କର୍କଟ ଘଟଣା କମ୍ ଥାଏ, କିନ୍ତୁ କଳା ଚର୍ମ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରାୟତଃ ରୋଗ ନିର୍ଣ୍ଣୟ ବିଳମ୍ବ ହୁଏ। ଏହା ଚିକିତ୍ସାକୁ କଷ୍ଟକର କରିଥାଏ ଏବଂ ଜଟିଳତା ବୃଦ୍ଧି କରିଥାଏ। ରୋଗୀମାନଙ୍କ ମଧ୍ୟରେ ଚର୍ମ କର୍କଟ ବିଷୟରେ ସଚେତନତା ବହୁତ ଗୁରୁତ୍ୱପୂର୍ଣ୍ଣ। ଅଧିକ ସୂର୍ଯ୍ୟ କିରଣ, କିଛି ଜେନେଟିକ୍ ରୋଗ, ଧୂମପାନ ଏବଂ ମଦ୍ୟପାନ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଚର୍ମ କର୍କଟ ଅଧିକ ଦେଖାଯାଏ। ଆଣ୍ଟିବାୟୋଟିକ୍ସ, ଯନ୍ତ୍ରଣା ନିବାରକ ଭଳି କିଛି ଔଷଧ ଚର୍ମକୁ ସୂର୍ଯ୍ୟ କିରଣ ପ୍ରତି ଅଧିକ ସମ୍ବେଦନଶୀଳ କରିଥାଏ। କର୍କଟ ହେବାର ଆଶଙ୍କା ବୃଦ୍ଧି କରିଥାଏ। ବିଶେଷକରି କଳା ମୋଲ୍ ଅଧିକ ବିପଜ୍ଜନକ। ତେଣୁ ଡାକ୍ତରଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯିବା ଆବଶ୍ୟକ। ଡାକ୍ତରଙ୍କ ଦ୍ୱାରା ନିର୍ଦ୍ଧାରିତ ସନ୍ ସ୍କ୍ରିନର ନିୟମିତ ବ୍ୟବହାର ଚର୍ମ କର୍କଟ ହେବାର ସମ୍ଭାବନାକୁ ହ୍ରାସ କରେ। ସନ୍ତୁଳିତ ଖାଦ୍ୟ ସମେତ ଭଲ ଜୀବନଶୈଳୀ କର୍କଟ ରୋଗକୁ ରୋକିବାରେ ବହୁତ ସାହାଯ୍ୟ କରେ।



ଅଧିକାଂଶ ଚର୍ମ କର୍କଟ ଶରୀରର ଅନ୍ୟ ଅଂଶକୁ ବ୍ୟାପି ନଥାଏ। କେବଳ ସ୍ଥାନୀୟ ଭାବରେ ବ୍ୟାପିଥାଏ। ମାଲିଗ୍ନାଣ୍ଟ ମେଲାନୋମା ଭଳି କିଛି ଅଧିକ ସମସ୍ୟାପୂର୍ଣ୍ଣ। ଚର୍ମ କର୍କଟ ପରିଚାଳନାରେ ସଫଳତାର ଚାବିକାଠି ହେଉଛି ଶୀଘ୍ର ଚିହ୍ନଟ। ଯେ କୌଣସି କ୍ଷତ ଚର୍ମ କର୍କଟ ବୋଲି ସନ୍ଦେହ କଲେ ପ୍ରତ୍ୟେକ ବ୍ୟକ୍ତି ତୁରନ୍ତ ଚର୍ମ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ। ■


ଚର୍ମ ରୋଗ ବିଶେଷଜ୍ଞ
ନିକି ସ୍କିନ୍ କେୟାର୍, ଭୁବନେଶ୍ୱର

ଅନେକ ମାରାତ୍ମକ ରୋଗ ଆୟୁର୍ବେଦ ଚିକିତ୍ସା ଦ୍ୱାରା ଉପଶମ ହୋଇଥାଏ । ତେବେ ଏଥିପାଇଁ ଡାକ୍ତର ପରାମର୍ଶ ଅନୁଯାୟୀ ଚିକିତ୍ସା କରିବା ଆବଶ୍ୟକ । ସାଧାରଣତଃ କର୍କଟ ବା କ୍ୟାନ୍ସର ରୋଗ କଥା ଶୁଣିଲେ ମନରେ ସ୍ୱତଃ ଭୟ ଆସିଯାଏ । ଅନେକ ମନେ କରନ୍ତି ଯେ ଏହି ରୋଗର ଅର୍ଥ ହେଉଛି ଅନ୍ତହୀନ କଷ୍ଟ ଏବଂ ପରିଶେଷରେ ମୃତ୍ୟୁ । ମହିଳାମାନଙ୍କଠାରେ ଦେଖାଯାଉଥିବା କେତୋଟି ଗର୍ଭାଶୟ କର୍କଟ ରୋଗର ରୋଗର କାରଣ ଓ ଆୟୁର୍ବେଦ ଉପଚାର ସଂପର୍କରେ ଆଲୋଚନା କରିବା ।






ଡାକ୍ତର ଦୀନବନ୍ଧୁ ମହାରଣା



# ଗର୍ଭାଶୟ କର୍କଟର ଆୟୁର୍ବେଦ ଉପଚାର



## କାରଣ

ଆଧୁନିକ ପରିବେଶରେ ମହିଳାମାନଙ୍କଠାରେ ସନ୍ତାନ ଜନ୍ମ କରିବା ପାଇଁ ଅନିଚ୍ଛା ବା ବିଳମ୍ବରେ ସନ୍ତାନ ପ୍ରସବ କରିବାର ମନୋବୃତ୍ତି କ୍ରମଶଃ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି । ଆଧୁନିକ ମହିଳାମାନଙ୍କର ଏହି ପ୍ରବୃତ୍ତି ହେତୁ ଗର୍ଭାଶୟ କ୍ୟାନ୍ସର ଭଳି ମାରାତ୍ମକ ରୋଗର ପ୍ରକୋପ ବୃଦ୍ଧି ପାଉଛି । କର୍କଟରୋଗ ବିଶେଷଜ୍ଞମାନଙ୍କ ମତ ଗର୍ଭଧାରଣ କରିବା ଏବଂ ସନ୍ତାନ ପ୍ରସବ କରିବା ଦ୍ୱାରା ଏହି ରୋଗ ହେବାର ସମ୍ଭାବନା କମିଯାଏ । କିନ୍ତୁ ପରିତାପର ବିଷୟ ଆଧୁନିକ କର୍ମଜୀବୀ ମହିଳାମାନେ ନିଜର ମହତ୍ତ୍ୱ ଆକାଂକ୍ଷାକୁ ପୂରଣ କରିବାକୁ ଯାଇ ମାତୃତ୍ୱ ପାଇବାରେ ଅବହେଳା କରୁଛନ୍ତି ।

କର୍କଟ ରୋଗ ବିଶେଷଜ୍ଞମାନଙ୍କ ମତରେ ଗର୍ଭାଶୟ କ୍ୟାନ୍ସର ବୃଦ୍ଧିର ମୁଖ୍ୟ କାରଣ ହେଉଛି ଆଧୁନିକ ଜୀବନଶୈଳୀ ଏବଂ କମ୍ ସନ୍ତାନ ବା ବିଳମ୍ବରେ ସନ୍ତାନ ଜନ୍ମ କରିବାର ମନୋବୃତ୍ତି । ସାମ୍ପ୍ରତିକ ବ୍ୟକ୍ତି ବ୍ୟୟବହୁଳ ଓ ଜଞ୍ଜାଳମୟ ପରିସ୍ଥିତିରେ ଯଦିଓ ଦେଖାଦେଇଥିବା ଏହି ନୂଆ ପ୍ରବୃତ୍ତିର ଆବଶ୍ୟକତା ରହିଛି, ତଥାପି ଏହି ମନୋବୃତ୍ତି ଗର୍ଭାଶୟ କର୍କଟ ରୋଗ ଭଳି ମାରାତ୍ମକ ରୋଗର ପ୍ରଭାବକୁ ବୃଦ୍ଧି କରିବାରେ ସକ୍ଷମ ହୋଇଛି । ବିଶେଷ କରି କର୍ମଜୀବୀ ମହିଳାମାନଙ୍କଠାରେ ସନ୍ତାନ ଜନ୍ମ ନ କରିବାର ମନୋବୃତ୍ତି ଅଧିକ ଦେଖାଯାଉଛି ।

ଚିକିତ୍ସକମାନେ ସ୍ୱୀକାର କରନ୍ତି ଯେ, ଗର୍ଭଧାରଣ କରିବା ଏବଂ କିଛି ସନ୍ତାନ ଜନ୍ମ କରିବା ଦ୍ୱାରା ଗର୍ଭାଶୟ କର୍କଟ ରୋଗର ବିପଦ ସର୍ବନିମ୍ନ ହୋଇଥାଏ । ଗର୍ଭନିରୋଧକ ବଟିକା ସେବନ ଦ୍ୱାରା ଏହି ରୋଗର ଆଶଙ୍କା ହ୍ରାସ ପାଇଥାଏ । କେତେକ କ୍ଷେତ୍ରରେ ରକ୍ତ ବା ବଂଶଗତ ପ୍ରଭାବ ହେତୁ କୌଣସି ପରିବାରରେ ଗର୍ଭାଶୟ କ୍ୟାନ୍ସରରେ ପୀଡ଼ିତ ମହିଳାଙ୍କ ନିକଟତମ ସଂପର୍କୀୟ ମହିଳାଙ୍କଠାରେ ମଧ୍ୟ ଏହି ଘାତକ ରୋଗ ହେବାର ଅଧିକ ସମ୍ଭାବନା ଥାଏ । ସେଥିପାଇଁ ଏଭଳି ପରିବାରର ମହିଳାମାନଙ୍କୁ ପ୍ରସବ ପରେ ଗର୍ଭାଶୟକୁ ବାହାର କରିଦେବା ପାଇଁ ପରାମର୍ଶ ଦିଆଯାଇଥାଏ । କେତେକ ଅଧ୍ୟୟନରୁ ଜଣାପଡ଼ିଛି ମାଂସାହାର ଓ ସ୍ନେହସାରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଗର୍ଭାଶୟ କର୍କଟ ରୋଗର ଆଶଙ୍କା ବୃଦ୍ଧି ପାଏ । ତେବେ ସବୁଜ ପନିପରିବା ଓ ଶାଗ ତଥା ଫଳାହାର ଦ୍ୱାରା ଏହି ରୋଗର ସମ୍ଭାବନାରୁ ରକ୍ଷା ମିଳିପାରେ । ଧୂମପାନ ଓ ମଦ୍ୟପାନ କରୁଥିବା ମହିଳାମାନେ ଭବିଷ୍ୟତରେ ସ୍ତନ କର୍କଟ, ମୁଖଗହ୍ୱର କର୍କଟ କିମ୍ବା ଗର୍ଭାଶୟ କର୍କଟ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ । ଆଉ କେତେକ ଚିକିତ୍ସକଙ୍କ ମତାନୁସାରେ ପ୍ରସାଧନ ସାମଗ୍ରୀ ରୂପେ ବ୍ୟବହୃତ ହେଉଥିବା ଟାଲକମ୍ ପାଉଡର୍ ବ୍ୟବହାର ଦ୍ୱାରା ଗର୍ଭାଶୟ କର୍କଟ ରୋଗର ଆଶଙ୍କା ବୃଦ୍ଧି ପାଇଥା, । ସ୍ତନ କର୍କଟ ରୋଗରେ ପୀଡ଼ିତ ମହିଳାଙ୍କଠାରେ ଗର୍ଭାଶୟ କ୍ୟାନ୍ସର ହେବାର ଆଶଙ୍କା ସର୍ବାଧିକ ଥାଏ ।



## ଲକ୍ଷଣ

ଗର୍ଭାଶୟ କର୍କଟ ରୋଗକୁ ନୀରବ ହତ୍ୟାକାରୀ ବା ସାଇଲେଣ୍ଟ କିଲର୍ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଅଧିକାଂଶ କ୍ଷେତ୍ରରେ ରୋଗ ଜଟିଳ ବା ଗମ୍ଭୀର ଅବସ୍ଥାରେ ଜଣାପଡ଼ିଥାଏ । ପ୍ରାୟତଃ ସୁତରି ଭାଗ ରୋଗୀଙ୍କ କ୍ଷେତ୍ରରେ ଏହି ରୋଗ ସମ୍ବନ୍ଧରେ ସେତେବେଳେ ଜଣାପଡ଼େ, ଯେଉଁ ସମୟରେ ରୋଗଟି ପରିପକ୍ୱ ଅବସ୍ଥାରେ ପହଞ୍ଚି ଥାଏ । ସେତେବେଳେ ଏହାର ଚିକିତ୍ସା କଷ୍ଟସାଧ୍ୟ ହୋଇପଡ଼େ । ଗର୍ଭାଶୟ କର୍କଟ ରୋଗ ଲକ୍ଷଣଗୁଡ଼ିକ ହେଉଛି :-

- ପେଟ ଫୁଲିବା ଓ ପେଟରେ ଗ୍ୟାସ୍ ବା ଏସିଡିଟି ସମସ୍ୟା ଦେଖାଦେବା ।
- ପେଟ ଓଜନିଆ ଲାଗିବା ଓ ପେଟ ବ୍ୟଥା ଲାଗି ରହିବା ।
- ଯୌନାଙ୍ଗରୁ ରକ୍ତସ୍ରାବ ।
- ମଳଦ୍ୱାର ସଂକ୍ରମଣ ।

ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ମଧ୍ୟ ଲକ୍ଷଣ ଦେଖାଦେଲେ ଯଥାଶୀଘ୍ର ଚିକିତ୍ସକଙ୍କ ସହ ପରାମର୍ଶ କରିବା ଆବଶ୍ୟକ ।

## ଉପଚାର

ଗର୍ଭାଶୟ କର୍କଟ ରୋଗର ଚିକିତ୍ସା ନିମିତ୍ତ ତିନୋଟି ପଦ୍ଧତି ଅନୁସରଣ କରାଯାଇଥାଏ । ଯଥା -

(୧) **ରେଡିଓ ଆଇସୋଟୋପ୍ସ** (ଫାସୋଫାରସ୍ -୩୨) ବା ବିକିରଣ ଚିକିତ୍ସା

(୨) **କେମିଓଥେରାପି ବା ଔଷଧ ଚିକିତ୍ସା**

(୩) **ଶଲ୍ୟ ଚିକିତ୍ସା**

ଗର୍ଭାଶୟକର୍କଟ ରୋଗର ପରୀକ୍ଷଣ ପାଇଁ ପେଲ୍ଭିକ ପରୀକ୍ଷଣ କିମ୍ବା ପେପ୍ସ୍ମିଅର (Paipsmior ) ଟେଷ୍ଟର ସାହାଯ୍ୟ ନିଆଯାଇଥାଏ । ଏହି ପରୀକ୍ଷଣରେ ଯୋନିର ଭିତର ଅଥବା ଗର୍ଭାଶୟ ଗ୍ରୀବାରୁ କିଛି କୋଷ କାଟି ଆଣି ପରୀକ୍ଷା କରାଯାଇଥାଏ । କିନ୍ତୁ ଏହି ପରୀକ୍ଷଣରୁ ଯେ ରୋଗର ଉପସ୍ଥିତି ସମ୍ବନ୍ଧରେ ନିଶ୍ଚିତ ପ୍ରମାଣ ମିଳିବ ତାହା କହି ହେବ ନାହିଁ । ପେପ୍ସ୍ମିଅର ପରୀକ୍ଷଣ ତୁଳନାରେ ଇଣ୍ଡୋବେଜାଇନଲ୍ ଅଲଟ୍ରାସାଉଣ୍ଡ (Indobezionol Ultrasound) ଏବଂ ରଙ୍ଗିନ ଡୋପ୍ଲର ଇତ୍ୟାଦି ନୂତନ ପରୀକ୍ଷଣ କୌଶଳ ଉପରେ ସଂପୂର୍ଣ୍ଣ ନିର୍ଭର କରିହେବ । ରୋଗର ପ୍ରାରମ୍ଭିକ ଅବସ୍ଥାରେ ବିକିରଣ ଚିକିତ୍ସା ଦ୍ୱାରା ଶତକଡ଼ା ଦଶ ଭାଗ ରୋଗୀଙ୍କର ଜୀବନ ରକ୍ଷା କରିହୁଏ । ଗର୍ଭାଶୟ କର୍କଟ ରୋଗରେ ଆକ୍ରାନ୍ତ କୋଷଗୁଡ଼ିକ ଯଦି କେବଳ ସୀମିତ ଭାଗରେ ଅଥବା ଯୋନିର ଏକ-ତୃତୀୟାଂଶ କ୍ଷେତ୍ରକୁ ପ୍ରଭାବିତ କରିଥାଏ, ତେବେ ଅସ୍ତ୍ରୋପଚାର ମାଧ୍ୟମରେ ଗର୍ଭାଶୟ ଓ ଯୋନିର ଉପରିଭାଗ ଏବଂ ପ୍ରଭାବିତ କ୍ଷେତ୍ରରୁ ଲିମ୍ଫ ଗ୍ରନ୍ଥିଗୁଡ଼ିକୁ ବାହାର କରିଦେଇ ରୋଗର ଅବସ୍ଥାରେ ଚିକିତ୍ସା ପାଇଁ ସାଇଟୋରିଡ଼କ୍ଟିଭ୍ ସର୍ଜରୀ ଓ ଔଷଧ ମାଧ୍ୟମରେ ରୋଗର ନିଦାନ ସମ୍ଭବ ।

## ଗର୍ଭାଶୟ କର୍କଟର ଆୟୁର୍ବେଦ ଚିକିତ୍ସା

ଗର୍ଭାଶୟ କର୍କଟ ରୋଗ ପାଇଁ ଆୟୁର୍ବେଦ ଚିକିତ୍ସା ମଧ୍ୟ ରହିଛି । ଆୟୁର୍ବେଦ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଶୋଧନ-ବିରେଚନ –ଅଭୟବିମୋଦକ ଏବଂ ତ୍ରିଫଳା କ୍ୱାଥ ବ୍ୟବହାର କରିବା, କାଳବସ୍ତି – ନିରୂହି ଏବଂ ଅନ୍ୱାସନ ବସ୍ତି, ଦଶମୂଳ କ୍ୱାଥ ଏବଂ ତିଳ ତୈଳ, ଋତୁସ୍ରାବ ୪ରୁ ୫ ଦିନ ମଧ୍ୟ ଉତର ବସ୍ତି, କୁମାରୀ ଆସବ, ଗୋକ୍ଷୁରାଦି କାଞ୍ଚନ ହାର ଗୁଗୁଲୁ,ଅଶୋକାରିଷ୍ଟ, ପ୍ରଦରାନ୍ତକ ରସ ଦ୍ୱାରା ଚିକିତ୍ସା କରାଗଲେ, ରୋଗର ଲକ୍ଷଣ, ରୋଗୀର ବୟସ ଅନୁଯାୟୀ ସ୍ୱାସ୍ଥ୍ୟାବସ୍ଥା ବଦଳି ପାରେ ।

ଆଜିକାଲି କେମୋଥେରାପି ଅନ୍ତର୍ଗତ ଏପରି ଅନେକ ପ୍ରଭାବଶାଳୀ ଔଷଧର ଉଦ୍ଭାବନ ହେଲାଣି ଯାହାକି ଗର୍ଭାଶୟ କର୍କଟ ରୋଗକୁ ଅନେକ ପରିମାଣରେ ନିୟନ୍ତ୍ରଣ କରିବାକୁ ସକ୍ଷମ । ଗର୍ଭାଶୟ କର୍କଟ ରୋଗରେ ପେଟରେ ପାଣି ଜମିଲେ ରୋଗୀର ମୃତ୍ୟୁ ସମ୍ଭାବନା ବଢ଼ି ଯାଇଥାଏ । ସୁତରାଂ ଏହି ରୋଗର ଲକ୍ଷଣ ଦେଖାଦେଲେ ଯଥାଶୀଘ୍ର ଚିକିତ୍ସକଙ୍କ ସହ ପରାମର୍ଶ କରି ପ୍ରାଥମିକ ଅବସ୍ଥାର ଏହାର ଚିକିତ୍ସା କଲେ ରୋଗ ଭଲ ହୋଇଥାଏ । ■

ଡି.ଲିଟ୍. ପ୍ରାପ୍ତ ଆୟୁର୍ବେଦ ଗବେଷକ
୧୧୧, ମ୍ୟୁନିସିପାଲ ମାର୍କେଟ, ଓଏମ୍‌ପି ଛକ, କଟକ-୩, ମୋ: ୯୪୩୭୦୪୩୧୦୩

# କର୍କଟର ହୋମିଓପ୍ୟାଥିକ୍ ଚିକିତ୍ସା





ଡଃ ଅଶ୍ୱିନୀ କୁମାର ସାହୁ

କର୍କଟ ହେଉଛି ଦେହର କୋଷଗୁଡ଼ିକର ଅସନ୍ତୁଳିତ ବୃଦ୍ଧି। ଯେଉଁଥିରେ କୋଷଗୁଡ଼ିକର ନିୟନ୍ତ୍ରଣ ବିହୀନ ଭାବରେ ବଢ଼ି ଟ୍ୟୁମର ତିଆରି କରେ। ଏବଂ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପୀ ଥାଏ। ସଚରାଚର ରକ୍ତ ଦୂଷିତ ହେବା ହେତୁ ଏହି ରୋଗ ହୁଏ। ଶରୀରର ଯେ କୌଣସି ସ୍ଥାନରେ ବଡ଼ ଛୋଟ ଅର୍ବୁଦ ହୋଇପାରେ। ଏହି ସମୟରେ ଅର୍ବୁଦ ବସିଗଲେ ସେହି ସ୍ଥାନରେ ବା ଶରୀରର ଅନ୍ୟ କୌଣସି ସ୍ଥାନରେ ଏହି ଅର୍ବୁଦ ପୁନର୍ବାର ଦେଖାଯାଏ ।

**ଲକ୍ଷଣ**: କର୍କଟ ରୋଗର କେତେକ ଲକ୍ଷଣ ରହିଛି । ସେଗୁଡ଼ିକ ହେଲା:-

- ଅତ୍ୟଧିକ ଓଜନ କମିଯିବା ଏବଂ ସବୁବେଳେ କ୍ଲାନ୍ତ ଲାଗିବା।
- କ୍ରମାଗତ କାଶ ହେବା କିମ୍ବା ସ୍ୱରରେ ପରିବର୍ତ୍ତନ ହେବା।
- ଖାଦ୍ୟ ପ୍ରତି ଅନାଗ୍ରହ।
- ଅସାଧରଣ (Bleeding) ରକ୍ତସ୍ରାବ।
- ଶରୀରର କୌଣସି କ୍ଷତ ଶୀଘ୍ର ନ ଶୁଖିବା।
- ଶରୀରର କୌଣସି ସ୍ଥାନରେ ଅସ୍ୱାଭାବିକ ମାଂସପିଣ୍ଡୁଳା ହେବା।

## କର୍କଟର ସାଧାରଣ ପ୍ରକାର

କର୍କଟ ରୋଗ ଶରୀରର ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରିଥାଏ। ବିଜ୍ଞାନ ଅନୁସାରେ ଏହା ପ୍ରାୟ ୨୦୦ରୁ ଅଧିକ ପ୍ରକାରର ହୋଇଥାଏ। ସାଧାରଣତଃ ଦେଖା ଯାଉଥିବା କେତେକ ମୁଖ୍ୟ କର୍କଟ ରୋଗର ତାଲିକା ନିମ୍ନରେ ଦିଆଗଲା।

**ମୁଖ ଗହ୍ୱର କର୍କଟ** (Oral cancer): ବିଶେଷ କରି ତମାଖୁ, ଗୁଟଖା ଏବଂ ପାନ ସେବନ କରୁଥିବା ବ୍ୟକ୍ତିଙ୍କଠାରେ ଏହା ଅଧିକ ହୋଇଥାଏ।

**ଲକ୍ଷଣ**: ପାଟିରେ ଘା' ନ ଶୁଖିବା, ଜିଭରେ ଧଳା ଦାଗ କିମ୍ବା ମାଂସ ବଢ଼ିବା।

**ସ୍ତନ କର୍କଟ** (Breast Cancer): ଏହା ମହିଳାମାନଙ୍କ କ୍ଷେତ୍ରରେ ସବୁଠାରୁ ଅଧିକ ମାତ୍ରାରେ ଦେଖାଯାଏ। ବୟସ ବଢ଼ିବା ସହ ଏହାର ଆଶଙ୍କା ବୃଦ୍ଧି ପାଇଥାଏ ।

**ଲକ୍ଷଣ** : ସ୍ତନରେ ଟାଣ ପିଣ୍ଡୁଳା ( Lump) ଅନୁଭବ ହେବା କିମ୍ବା ଆକୃତିରେ ପରିବର୍ତ୍ତନ ହେବା।

**ଗ୍ରୀବା କର୍କଟ** ( Cervical Caner) : ଏହା ମହିଳାମାନଙ୍କର ଜରାୟୁ ମୁଖରେ ହୋଇଥାଏ। ପରିଷ୍କାର ପରିଚ୍ଛନ୍ନତାର ଅଭାବ ଏବଂ ଏଚ୍.ପି.ଭି. ଭୂତାଣୁ ଯୋଗୁଁ ଏହା ହୋଇଥାଏ।

**ଲକ୍ଷଣ**: ଅସାଧାରଣ ରକ୍ତସ୍ରାବ କିମ୍ବା ପେଟର ତଳ ଭାଗରେ ଯନ୍ତ୍ରଣା।

**ଫୁସ୍‌ଫୁସ୍ କର୍କଟ** (Lung Cancer): ଅତ୍ୟଧିକ ଧୂମପାନ କିମ୍ବା ବାୟୁ ପ୍ରଦୂଷଣ ଯୋଗୁଁ ଏହି କର୍କଟ ହୋଇଥାଏ।

**ଲକ୍ଷଣ** : ଦୀର୍ଘ ଦିନ ଧରି କାଶ ଲାଗି ରହିବା, କାଶରେ ରକ୍ତ ପଡ଼ିବା ଏବଂ ନିଶ୍ୱାସ ନେବାରେ କଷ୍ଟ ହେବା।

**ରକ୍ତ କର୍କଟ** (Blood cancer / Leukemia) : ଏହା ଶରୀରରେ ରକ୍ତ କୋଷ ଏବଂ ଅସ୍ଥିମଜ୍ଜାକୁ ଆକ୍ରାନ୍ତ (Bone Narrow) ଆକ୍ରାନ୍ତ କରେ। ଏହା ଉଭୟ ପିଲା ଏବଂ ବଡ଼ ଲୋକମାନଙ୍କୁ ହୋଇପାରେ।

**ଲକ୍ଷଣ**: ବାରମ୍ବାର ଜ୍ୱର ହେବା, ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ଏବଂ ଅତ୍ୟଧିକ ଦୁର୍ବଳତା।

**ପାକସ୍ଥଳୀ ଓ କୋଲନ କର୍କଟ** ( Stomach and Colorectal Cancer): ଖାଦ୍ୟନଳୀ ଏବଂ ପରିପାକ ତନ୍ତ୍ରରେ ହେଉଥିବା କର୍କଟ। ଅସୁସ୍ଥ ଖାଦ୍ୟାଭ୍ୟାସ ଏବଂ ମଦ୍ୟପାନ ଏହାର ମୁଖ୍ୟ କାରଣ।

**ଲକ୍ଷଣ**: ହଜମ ପ୍ରକ୍ରିୟାରେ ଅସୁବିଧା, ଝାଡ଼ାରେ ରକ୍ତ ପଡ଼ିବା କିମ୍ବା ଅତ୍ୟଧିକ ଓଜନ ହ୍ରାସ।



## ଅନ୍ୟାନ୍ୟ କର୍କଟ

**ଯକୃତ କର୍କଟ**( Liver Cancer): ମଦ୍ୟପାନ କିମ୍ବା ହେପାଟାଇଟିସ୍ ଯୋଗୁଁ ଯକୃତ କର୍କଟ ହୋଇଥାଏ।

**ପ୍ରୋଷ୍ଟେଟ୍ କର୍କଟ** (Prostate Cancer): କେବଳ ପୁରୁଷମାନଙ୍କ କ୍ଷେତ୍ରରେ ପ୍ରୋଷ୍ଟେଟ୍ କର୍କଟ ଦେଖାଯାଏ।

**ଚର୍ମ କର୍କଟ** ( Skin Cancer) - ସୂର୍ଯ୍ୟର ଅତି ବାଇଗଣୀ ରଶ୍ମି ପ୍ରଭାବରେ ଚର୍ମ କର୍କଟ ହୋଇଥାଏ।







## ହୋମିଓପ୍ୟାଥିକ୍ ଚିକିତ୍ସା

ହୋମିଓପ୍ୟାଥିକ୍ ଚିକିତ୍ସାକୁ କର୍କଟ ରୋଗ ପାଇଁ ଏକ ସହାୟକ ଚିକିତ୍ସା ଭାବରେ ଗ୍ରହଣ କରାଯାଏ।

**ପାର୍ଶ୍ୱ ପ୍ରତିକ୍ରିୟା ହ୍ରାସ** : କେମୋଥେରାପି ଏବଂ ରେଡିଏସନ୍ ପରେ ହେଉଥିବା ବାନ୍ତି ଦୁର୍ବଳତା ଏବଂ ମୁହଁରେ ଘା' (Mucositis) ପରି ସମସ୍ୟାକୁ କମାଇବାରେ ହୋମିଓପାଥି ସାହାଯ୍ୟ କରେ।

**ଯନ୍ତ୍ରଣା ଉପଶମ** ( Palliative Care): ରୋଗର ଶେଷ ଅବସ୍ଥାରେ ରୋଗୀର ଯନ୍ତ୍ରଣା କମାଇବା ଏବଂ ତାଙ୍କୁ ମାନସିକ ଶାନ୍ତି ଦେବାରେ ଏହା ପ୍ରଭାବଶାଳୀ ହୋଇଥାଏ।

**ରୋଗ ପ୍ରତିରୋଧକ ଶକ୍ତି** : ହୋମିଓପାଥି ଔଷଧ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବା Vital Force କୁ ବଢ଼ାଇବାରେ ସାହାଯ୍ୟ କରେ।

### ଚିକିତ୍ସା

- କାରସିନୋସିନ ୩୦, ୨୦୦- ଏହି ରୋଗର ଉତ୍କୃଷ୍ଟ ଔଷଧ। ପାକ୍ଷାନ୍ତେ ବା ମାସାନ୍ତେ ଏକ ଏକ ମାତ୍ରା ସେବନ।
- ଜ୍ୱାଳାକାର ବେଦନାରେ ଆର୍ସେନିକ୍ ।
- ବକ୍ଷ ଦେଶରେ ବା ସ୍ତନରେ ଅର୍ବୁଦ ହେଲେ କଣ୍ଡୁରାଙ୍ଗୋ ୧X ବା କୋନାୟମ ୩୦।
- ପୀଡ଼ାର ତରୁଣ ଅବସ୍ଥାରେ ହାଇଡ୍ରାଷ୍ଟିସ୍ ୧x ବା ବେଲାଡ଼ୋନା ୬।
- ପାଦ ଥଣ୍ଡା, ମୁଣ୍ଡ ଗରମ, ରାତ୍ରରେ ଶୟନ ପରେ ପୀଡ଼ା ବୃଦ୍ଧି, ଦିନ ସମୟରେ ନିସ୍ତେଜ ହୋଇ ପଡ଼ିବା ଲକ୍ଷଣରେ ସଲଫର୍ ୩୦।

ସାଧାରଣତଃ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ରଖିବା ଉଚିତ୍। ଏ ରୋଗ ଅତି ଭୟାବହ। ସୁତରାଂ ରୋଗୀକୁ ବିଜ୍ଞ ଚିକିତ୍ସଙ୍କ ଦ୍ୱାରା ଚିକିତ୍ସା କରାଇବା ଆବଶ୍ୟକ। ■

ବରିଷ୍ଠ ହୋମିଓପ୍ୟାଥିକ୍ ଚିକିତ୍ସକ
ଉତ୍କଳମଣି ହୋମିଓପ୍ୟାଥିକ୍ ଭେଷଜ ମହାବିଦ୍ୟାଳୟ, ରାଉରକେଲା
ମୋ: ୮୯୧୭୬୪୧୭୬୨



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ମହାରାଜାଙ୍କ ମହଙ୍ଗା ଉପହାର

ପଞ୍ଜାବରେ ସାଧାରଣ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ବିଜୁଳି ଛାଡ଼ । ତେଲଙ୍ଗାନା, କର୍ଣ୍ଣାଟକ, ଆନ୍ଧ୍ର, ଝାରଖଣ୍ଡରେ ଓ ଦିଲ୍ଲୀରେ ଖାଉଟିଙ୍କୁ ମିଳୁଛି ୨୦୦ ୟୁନିଟ୍ ମାଗଣା ବିଜୁଳି । ତାମିଲନାଡୁ ସରକାର ଲୋକଙ୍କୁ ୧୦୦ ୟୁନିଟ୍ ଓ ଚାଷୀଙ୍କୁ ମାଗଣା ବିଜୁଳି ଦେଉଛନ୍ତି । ମହାରାଷ୍ଟ୍ରରେ ଚାଷୀଙ୍କୁ ବିଜୁଳି ଦେୟ ପୂରା ଛାଡ଼ । ଗଲା ଭୋଟ ବେଳେ ଶଙ୍ଖ ଦଳିଆ ଲୋକଙ୍କୁ ମାଗଣା ୧୦୦ ୟୁନିଟ୍ ବିଜୁଳି ଦେବେ ବୋଲି କହିଥିଲେ ଓ ସଂକଳ୍ପ ପତ୍ରରେ ଉଲ୍ଲେଖ ନ ଥିଲେ ବି ସରକାର ଆସିବା ପରେ ଓଡ଼ିଶାରେ ୩୦୦ୟୁନିଟ୍ ବିଜୁଳି ଦିଆଯିବ ବୋଲି ପଦ୍ମ ଦଳର ନେତାମାନେ ଘୋଷଣା କରିଥିଲେ । ରାଜ୍ୟରେ ପଦ୍ମ ସରକାର ଆସିଲା, ମାତ୍ର ମାଗଣା ବିଜୁଳି ମିଳିଲା ନାହିଁ । ତଥାପି ନିକଟରେ ପାଟଣାଗଡ଼ ମହାରାଜା ଓରଫ୍ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ୨ କିଲୋୱାଟ ବିଜୁଳି ଉପଭୋକ୍ତାଙ୍କୁ ମାଗଣା ସ୍ମାର୍ଟ ମିଟର ଉପହାର ଦେବାକୁ ଘୋଷଣା କରିଛନ୍ତି । ଏଥିପାଇଁ ରାଜକୋଷରୁ ସରକାର ପ୍ରାୟ ୭୫୦ କୋଟି ଟଙ୍କା ଖର୍ଚ୍ଚ କରିବେ । ମାତ୍ର ମହାରାଜାଙ୍କ ମହଙ୍ଗା ଉପହାର ସାଧାରଣ ଖାଉଟିଙ୍କୁ ଆନନ୍ଦିତ କରିବା ପରିବର୍ତ୍ତେ ଅଧିକ ବିମର୍ଷ କରିଛି । ସ୍ମାର୍ଟ ମିଟର ଘରେ ଲାଗିବା ପରେ ଉପଭୋକ୍ତା ବିଲ୍ ପଇଠରେ ସ୍ମାର୍ଟ ହେବେ । ଯିଏ ଠିକଣା ସମୟରେ ବିଲ୍ ନ ଦେଲା, ବିତରଣ କମ୍ପାନୀ ସ୍ମାର୍ଟ ପଣ ଦେଖାଇ ତୁରନ୍ତ ବିଜୁଳି କାଟିବାକୁ ସକ୍ଷମ ହେବେ । ପୁଣି ରାଜ୍ୟ ସରକାର ଯେଉଁ ଟଙ୍କାରେ ସ୍ମାର୍ଟ ମିଟର କିଣିବେ ତାହା ରାଜ୍ୟବାସୀଙ୍କ ଠାରୁ ଆଦାୟ ରାଜସ୍ୱରୁ ଲାଗିବ । ଅପରପକ୍ଷରେ ସିଙ୍ଗଲ ଫେଜ ବିଜୁଳି ମିଟରଗୁଡ଼ିକ ଇଣ୍ଡିଆ ମାର୍ଟରେ ୭୫୦ଟଙ୍କାରୁ ଆରମ୍ଭ ହୋଇ ୨୦୦୦ ଟଙ୍କାରେ ମିଳୁଥିବାବେଳେ ଅଧିକ ଦରରେ ସରକାର କିଣିବା କଥା ଶୁଣି ବିଚରା ଖାଉଟି ମୁହଁ ଶୁଖାଇ ବୁଲୁଛି । ■



## ବଡ଼ ବିଚିତ୍ର ବିଭୂତି ଲୀଳା

ବାବୁ ବିଭୂତିଭୂଷଣ ହେଲେ ରାଇଜର ଗାଡ଼ିମୋଟର ବିଭାଗର ମୁଖିଆ । ଯାହା ଗାଡ଼ିରେ ପ୍ରଦୂଷଣ (!) ସାର୍ଟିଫିକେଟ୍ ନ ଥିବ, ତାକୁ ପେଟ୍ରୋଲ-ଡ଼ିଜେଲ ମିଳିବ ନାହିଁ ବୋଲି ତାଙ୍କ ସହଯୋଗୀ ଜାରି କରିଥିବା ନିର୍ଦ୍ଦେଶକୁ ନେଇ ରାଜ୍ୟ ସାରା ଉଠୁଛି ପଡୁଛି । ନଗଦ କିଣା ହୋଇଥିବା ଗାଡ଼ିରୁ ଆରମ୍ଭ କରି ଅଶୀ ଦଶକର ବୁଢ଼ା ଗାଡ଼ି ଧରି ଲୋକମାନେ ପ୍ରଦୂଷଣ ପରୀକ୍ଷା କେନ୍ଦ୍ର ଆଗରେ ଖରାତରାରେ ଧାଡ଼ି ଲଗାଇଛନ୍ତି । ଗାଡ଼ି ପ୍ରଦୂଷଣ କରୁଛି କି ନାହିଁ ତାହା କେହି ଦେଖୁ ନାହାନ୍ତି । ସାଇଲେନ୍ସରରେ ନଳିଟିଏ ଭର୍ତ୍ତି କରି କାଗଜଖଣ୍ଡେ ଧରି ଲୋକ ଆଶ୍ୱସ୍ତ । ମାତ୍ର ପେଟ୍ରୋଲ ଡ଼ିଜେଲ ବିକ୍ରି ନିୟନ୍ତ୍ରଣ ପରିବହନ ବିଭାଗ ଅଧୀନସ୍ଥ ନୁହେଁ; ଏ କଥା କେହି କହୁ ନାହାନ୍ତି । ପୁଣି ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଜଣେ ଖାଉଟିଙ୍କ ଗାଡ଼ିକୁ ପେଟ୍ରୋଲ-ଡ଼ିଜେଲ ବନ୍ଦ କରାଯାଇ ପାରିବ ନାହିଁ ବୋଲି ଖୋଦ୍ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି । ହେଲେ ବିଭୂତିବାବୁଙ୍କର ଏଥିରେ କି ଯାଏ? ପ୍ରଦୂଷଣ ପ୍ରମାଣପତ୍ର ଜରିଆରେ ଚାଲାଣ ବାବଦରେ ପଡ଼ିଥିବା ୧୩ କୋଟି ଆଦାୟର ଫନ୍ଦି ଯୋଗୁଁ ସରକାର ଯେ ବଡ଼ ଅଡୁଆରୁ ବର୍ତ୍ତି ଯାଇଛନ୍ତି, ସେ କଥା ଜେନାବାବୁ ଭଲ ଭାବରେ ଜାଣିଛନ୍ତି । ଶିକ୍ଷକଙ୍କ ଆନ୍ଦୋଳନ ସମୟରେ ମନ୍ତ୍ରୀ-ବିଧାୟକମାନଙ୍କ ଦରମା ଭତ୍ତା ସାଢ଼େ ତିନିଗୁଣ ବୃଦ୍ଧି, ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ହୋମଗାଡର୍ ପରୀକ୍ଷା, ଟ୍ରେନ୍ ଶୌଚାଳୟରେ ଖେଳାଳୀଙ୍କ ଯାତ୍ରା ଘଟଣା ଓଡ଼ିଶାର ଛବିକୁ ଦେଶରେ ମଳିନ କରିଛି । ଯାକୁ ନେଇ ରାଜ୍ୟବାସୀଙ୍କ ମନରେ ବଢ଼ିଥିବା ରୋଷକୁ ବିଭୁତିବାବୁଙ୍କ ପ୍ରଦୂଷଣ ଲୀଳା ଏକପ୍ରକାର ପୁରାପୁରି ଭୁଲାଇ ଦେଇଛି । ବିଭୂତିବାବୁ ସରଳ ଦିଶନ୍ତି ସତ, ମାତ୍ର ତାଙ୍କ ଲୀଳା ବଡ଼ ବିଚିତ୍ର । ■



## ସ୍ମାଇଲିଙ୍ଗ କ୍ୟାପଟେନ୍

ରାଜ୍ୟ ପ୍ରଶାସନର ନୂଆ ମୁଖିଆ ଅନୁ ଗର୍ଗଙ୍କୁ ଅନେକ କହନ୍ତି ସ୍ମାଇଲିଂ ଅଫିସର । ଯେତେ କାର୍ଯ୍ୟଚାପରେ ଥିଲେ ବି ତାଙ୍କ ମୁହଁରେ ସୂତା ପରି ଧାରେ ହସ ସବୁବେଳେ ଝଟକୁଥିବ । ପୂର୍ବ ସରକାର ସମୟରେ ସେ ଉନ୍ନୟନ କମିଶନର ରୂପେ ନିଯୁକ୍ତି ପାଇଥିଲେ । ସରକାର ବଦଳିବା ପରେ ଅନେକ ଅଫିସରଙ୍କ ଆସନ ବଦଳିଥିଲେ ବି ମ୍ୟାଡ଼ାମ୍ ପୂର୍ବପରି ନିଜ ପଦ ବଜାୟ ରଖିଥିଲେ । ଏବେ ମନୋଜ ଆହୁଜାଙ୍କ ଅବସର ପରେ ରାଜ୍ୟର ମୁଖ୍ୟ ସଚିବ ପଦ ଅଳଙ୍କୃତ କରିଛନ୍ତି । ରାଜ୍ୟ ପ୍ରଶାସନରେ ତାଙ୍କର ଦୀର୍ଘ ଅନୁଭବ ରହିଛି ଓ ବିଶେଷଭାବରେ ୨୦୦୮ ରୁ ୨୦୧୨ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସଚିବ ଭାବରେ ତାଙ୍କର କାର୍ଯ୍ୟ ଅବଧି ସ୍ମରଣୀୟ ଥିବା ଅନେକ କହନ୍ତି । ଯେଉଁ ଅଳ୍ପ କେତେଜଣ ଅଧିକାରୀ ଏକାଦିକ୍ରମେ ଦୀର୍ଘକାଳ ସ୍ୱାସ୍ଥ୍ୟ ସଚିବ ଥିଲେ, ସେମାନଙ୍କ ମଧ୍ୟରେ ଅନୁ ଗର୍ଗ ଅନ୍ୟତମ । ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡ଼ିକାଲ କଲେଜ ଖୋଲିବା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଏହାକୁ ସଂଯୋଗ କରିବା ପାଇଁ ସେତେବେଳେ ନବୀନ ସରକାରଙ୍କ ଯୋଜନାକୁ କାର୍ଯ୍ୟାନ୍ୱୟନ କରିବା ଦାୟିତ୍ୱ ମ୍ୟାଡ଼ାମ୍ ଗର୍ଗ ନେଇଥିଲେ । ଏ ସମ୍ପର୍କରେ ସେ ତତ୍‌କାଳୀନ କେନ୍ଦ୍ର ସରକାରଙ୍କୁ ବି ଚିଠି ଲେଖିଥିଲେ । ୨୦୦୦ ମସିହାରେ ରାଜ୍ୟରେ ବିଜେଡ଼ି ସରକାର ଗଢ଼ିବା ବେଳକୁ ମାତ୍ର ୩ଟି ମେଡ଼ିକାଲ କଲେଜ ଥିଲା, ୨୦୨୪ ବେଳକୁ ଏହି ସଂଖ୍ୟା ୧୭ରେ ପହଞ୍ଚିଛି । ତଥାପି ରାଜ୍ୟର ଅନେକ ଜିଲ୍ଲାରେ ମେଡ଼ିକାଲ କଲେଜ ଖୋଲିନାହିଁ । ମ୍ୟାଡ଼ାମ୍ ଏବେ ରାଜ୍ୟ ପ୍ରଶାସନର କ୍ୟାପ୍‌ଟେନ୍ । ତେଣୁ ସବୁ ଜିଲ୍ଲାରେ ମେଡ଼ିକାଲ କଲେଜ ଖୋଲିବା ପାଇଁ ପୁଣି ଥରେ ପ୍ରଚେଷ୍ଟା କଲେ ହୁଅନ୍ତା ନାହିଁ? ■



## ଅମରେନ୍ଦ୍ରଙ୍କ ସମୟଜ୍ଞାନ

ଜଗତସିଂହପୁରରେ ପଦ୍ମ ଦଳର ନୂଆ ଥାନପତି ହେଉଛନ୍ତି ଟିଟୁ ଓରଫ୍ ଅମରେନ୍ଦ୍ର ଦାସ । ମାତ୍ର ଗଲା କେଇ ମାସ ମଧ୍ୟରେ ସାଂସଦ ବିଭୁପ୍ରସାଦ ଓ ଅମରେନ୍ଦ୍ରଙ୍କ ମଧ୍ୟରେ (ଅ) ମଧୁର ସମ୍ପର୍କ ଜିଲ୍ଲାରେ ପଦ୍ମ ଦଳକୁ କୁଆଡ଼େ ନାରଖାର କରି ସାରିଲାଣି ବୋଲି ଗୁଣ୍ଡାବାବୁଙ୍କ ଟୁଙ୍ଗିଠୁ ଆରମ୍ଭ କରି ଶିଖର ଘାଟ ପର୍ଯ୍ୟନ୍ତ ସବୁଠି ଚର୍ଚ୍ଚା । ଏକଦା ବାମବାଦୀ ବିଭୁପ୍ରସାଦ ଏବେ ପଦ୍ମଧାରୀ ଦକ୍ଷିଣପନ୍ଥୀ, ଆଉ ଦୀର୍ଘକାଳ ଶଙ୍ଖ ଫୁଙ୍କିବା ପରେ ଅମରେନ୍ଦ୍ର ଏବେ ପଦ୍ମଧାରୀ ଗେରୁବାଦୀ । ବିଭୁବାବୁଙ୍କର ନିଜର ସଙ୍ଗଠନ ନାହିଁ । ରାଜନୀତିରେ ରୁଚି ରଖୁଥିବା ଜଗତସିଂହପୁର ଅଞ୍ଚଳର ଅନେକ ଲୋକ ବିଭୁବାବୁଙ୍କୁ ପରାଙ୍ଗପୁଷ୍ଟ ନିର୍ମୂଳି ଲତା , ଆଉ ଅମରେନ୍ଦ୍ରଙ୍କୁ ସଂଗଠନୀ ବୋଲି କହନ୍ତି । ଏଥିରେ କେତେ ସତ୍ୟତା ଅଛି, ତାହା ଆମକୁ ଜଣାନାହିଁ; କିନ୍ତୁ ଆଚରଣ ଓ ଆଦର୍ଶର ପାର୍ଥକ୍ୟ ମୂଳରୁ ଦିହିଁଙ୍କ ରାସ୍ତା ଅଲଗା କରିଥିଲା, ଏବେ ଗୋଟିଏ ଦଳରେ ଥିବା ସତ୍ତ୍ୱେ ଦିହିଁଙ୍କ ମଧ୍ୟରେ ଏହି ବ୍ୟବଧାନ ଦୂର ହୋଇପାରି ନାହିଁ । ନିକଟରେ ଏକ ଘଟଣା ସାଂସଦ ଓ ବିଧାୟକଙ୍କ ମଧ୍ୟରେ ଥିବା ତିକ୍ତ ସମ୍ପର୍କକୁ ପୁଣି ପ୍ରମାଣିତ କରିଛି । ଗୋଟାଏ କାର୍ଯ୍ୟକ୍ରମକୁ ଆୟୋଜକ ସାଂସଦ ବିଭୁ ଓ ବିଧାୟକ ଅମରେନ୍ଦ୍ରଙ୍କୁ ଅତିଥି ରୂପେ ନିମନ୍ତ୍ରଣ କରିଥିଲେ । ଧାର୍ଯ୍ୟ ସମୟ ପୂର୍ବରୁ ଅମରେନ୍ଦ୍ର ପହଞ୍ଚିଗଲେ, ମାତ୍ର ବିଭୁପ୍ରସାଦଙ୍କ ଦେଖା ନାହିଁ । ଆୟୋଜକମାନଙ୍କ ସାଂସଦ ପ୍ରୀତି ଯୋଗୁଁ କାର୍ଯ୍ୟକ୍ରମ ବି ଉଦ୍‌ଘାଟନ ହୋଇପାରୁ ନାହିଁ । ଢ଼େର ସମୟ ବସିବା ପରେ କ୍ରୋଧିତ ଅମରେନ୍ଦ୍ର ଜାଗା ଛାଡ଼ି ଚାଲିଗଲେ । ଯିବା ପୂର୍ବରୁ ଆୟୋଜକମାନଙ୍କୁ କଡ଼ାମିଠା ଶୁଣାଇଗଲେ । ଯା ପରେ କ'ଣ ଘଟିଲା ତାହା ଭିନ୍ନ କଥା; କିନ୍ତୁ ଯାହାର ସମୟଜ୍ଞାନ ନାହିଁ, ତାଙ୍କ ସହ କୁଆଡ଼େ ମଞ୍ଚରେ ବସିବେ ନାହିଁ ବୋଲି ଅମରେନ୍ଦ୍ର ଅଲିଖିତ ନିର୍ଦ୍ଦେଶ ଜାରି କରିଛନ୍ତି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।